

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୩ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 April 2026
Vol.No. 36 ■ No.98 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net



15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR: 15001/15001/2/26-27/0014



15001/14/2627



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0014



15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR: 15001/15001/2/26-27/0014


# ଇସଲାମାବାଦରେ ଆଲୋଚନା ବିଫଳ: ସାନ୍ତି ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଲେ ପୁଟିନ

ନୂଆଦିଲ୍ଲୀ,୧୨/୪ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଯାଇଛି । ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଶୀଘ୍ର ଯୁଦ୍ଧ ଶେଷ କରିବାକୁ ବିଶ୍ୱର ବିଭିନ୍ନ ସ୍ତରରୁ ଚାପ ପକାଯାଉଛି । ଶନିବାର ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି । ପୁଟିନ୍ ତାଙ୍କ ଇରାନ ପ୍ରତିପକ୍ଷ ମସୁଦ ପେଜେସ୍କିଆନ୍‌ଙ୍କୁ ଫୋନ୍ କରି ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ସମ୍ପର୍କରେ ପଚାରି ବୁଝିଥିଲେ ବୋଲି ରୁଷ୍ ନ୍ୟୁଜ ଏଜେନ୍ସି ଇଣ୍ଟରଫାକ୍ସ ରବିବାର କହିଛି । ପୁଟିନ କହିଛନ୍ତି ଯେ, ରୁଷ ପଶ୍ଚିମ ଏସିଆ ବିବାଦରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛି । ପଶ୍ଚିମ ଏସିଆ ଦେଶ ଓ ଆମେରିକା ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାବେଳେ ପୁଟିନ୍ ମଧ୍ୟସ୍ଥତା କରିବା ନେଇ ପ୍ରସ୍ତାବ ଦେଇଛନ୍ତି । ଏହାପୂର୍ବରୁ ପୁଟିନ୍ ପଶ୍ଚିମ ଏସିଆରେ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ କହିଥିଲେ । ସେ କୂଟନୈତିକ ଓ ରାଜନୈତିକ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କହିଥିଲେ । ପୁଣି ଘନେଇଲା ହର୍ମୁଜ୍ ସଂକଟ । ହର୍ମୁଜରେ ଜାହାଜ ଚଳାଚଳକୁ ନେଇ ଟ୍ରମ୍ପଙ୍କ ବଡ଼ ଧମକ । ହର୍ମୁଜ୍ ପ୍ରଣାଳୀ ଉପରେ ପ୍ରତିବନ୍ଧକ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ।

◆◆ପୃଷ୍ଠା ୭



■ ହର୍ମୁଜ ଉପରେ ପ୍ରତିବନ୍ଧକ ଲଗାଇଲା ଆମେରିକା
■ ପ୍ରବେଶ ଓ ପ୍ରସ୍ଥାନ କରୁଥିବା ଜାହାଜ ଉପରେ ପ୍ରତିବନ୍ଧକ
■ ବଡ଼ ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍
■ଇରାନକୁ ବେଆଇନ ଟିକସ ଦେଲେ ଜାହାଜ ରୋକିବୁ
■କୌଣସି ଜାହାଜକୁ ପ୍ରବେଶ କିମ୍ବା ପ୍ରସ୍ଥାନ ଅନୁମତି ଦେବୁନି
■ଏଭଳି ଜାହାଜକୁ ସମୁଦ୍ରରେ ସୁରକ୍ଷିତ ପଥ ମିଳିବନି'
■ଖୁବଶୀଘ୍ର ପ୍ରତିବନ୍ଧକ ପ୍ରକ୍ରିୟା ଆରମ୍ଭ କରିବ ଆମେରିକା

# ସମାପ୍ତ ହେଲା ସଂଗୀତ ଜଗତର ଆଉ ଏକ ଯୁଗ: ପ୍ରଖ୍ୟାତ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ନିଧନରେ ସାରାଦେଶ ସ୍ତବ୍ଧ

ନୂଆଦିଲ୍ଲୀ,୧୨/୪ : ସମାପ୍ତ ହେଲା ଆଉ ଏକ ଯୁଗ । ନିରବିଗଲେ ଆଉ ଜଣେ କୋକିଳ କଣ୍ଠୀ । ସିନେମା ଜଗତରେ ପିଢ଼ି ଆସିଛି, ପିଢ଼ି ଯାଇଛି । ବଦଳିଛି ଗୀତ, ବଦଳିଛି ସଂଗୀତର ଧାରା । ହେଲେ ଯେଉଁ ଯାଦୁକରୀ କଣ୍ଠସ୍ୱର ୮ ଦଶନ୍ଧି ଧରି ସିନେ ଓ ସଂଗୀତ ପ୍ରେମୀଙ୍କୁ ବାନ୍ଧି ରଖିଥିଲା, ବିମୋହିତ କରୁଥିଲା, କେତେବେଳେ ଝୁମାଉଥିଲା, ପୁଣି କେତେବେଳେ କନ୍ଦାଉଥିଲା, ତାହା ଆଜି ନିରବିଯାଇଛି । ୯୨ ବର୍ଷ ବୟସରେ ଆଖି ବୁଜିଛନ୍ତି ପ୍ରଖ୍ୟାତ କଣ୍ଠଶିଳ୍ପୀ ଆଶା ଭୋସଲେ । ତାଙ୍କ



ପରଲୋକରେ ଶୋକରେ ବୁଡ଼ିଛି ସାରା ଦେଶ । ତାଙ୍କ ସ୍ୱରରେ ଯେତିକି ଥିଲା ଚପଳତା । ଭରି ରହିଥିଲା ସେତିକି ଗଭୀରତା । ସେ ଗାଇଲେ ପାଦ ଝୁମୁଥିଲା, ପୁଣି କେତେବେଳେ ଉଦାସ ହୋଇଯାଉଥିଲା ମନ । ଡ୍ୟାନ୍ସ ସଙ୍ଗ୍ ହେଉ ଅବା ରୋମାଣ୍ଟିକ । ପପ୍, ଗଜଲ ଓ ଭଜନ ହେଉ ଅବା ଶାସ୍ତ୍ରୀୟ ସଙ୍ଗୀତ । ସବୁଥିରେ ନିପୁଣା, ସବୁଥିରେ ପ୍ରବୀଣା । ସୁର ସାମ୍ରାଜ୍ଞୀ । କିମ୍ବଦନ୍ତୀ କଣ୍ଠଶିଳ୍ପୀ । ଆଶା ଭୋସଲେ... ଆମ ସଭିଙ୍କ ପ୍ରିୟ ଆଶା ତାଇ । ୮ ଦଶନ୍ଧୀର ସଂଗୀତ ଯାତ୍ରା... ପ୍ରାୟ ୧୨ ହଜାର ଗୀତ । ଏକ୍ ପରଦେଶୀ ମେରା ଦିଲ୍ ଲେ ଗୟା... ଦମ୍ ମାରୋ ଦମ୍... ରୋଜ୍ ରୋଜ୍ ଆଁଖୋ ତଲେ... ୟେ ମେରା ଦିଲ୍ ପ୍ୟାର କା ଦିୱାନା... ଝୁମକା ଗିରାରେ...

◆◆ପୃଷ୍ଠା ୭

## ଉପକୂଳ ଓଡ଼ିଶାରେ ବଢ଼ିଲା ତାତି: ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି

ଭୁବନେଶ୍ୱର, ୧୨/୪ (ନି.ପ୍ର): କାଳ ବୈଶାଖୀ ପରେ ବଢ଼ିଲା ଉପକୂଳ ଓଡ଼ିଶାରେ ତାତି । ବର୍ତ୍ତମାନ ଚାଲିଛି ବୈଶାଖ ମାସ, ଏହି ମାସରେ ରୌଦ୍ରତାପ ବଢ଼ିଥାଏ । କିନ୍ତୁ ପରିବେଶର ଅସନ୍ତୁଳନ ଯୋଗୁଁ ଗତ କିଛି ଦିନ ହେବ କାଳ ବୈଶାଖୀର ତାଣ୍ଡବ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଥିଲା । ହେଲେ ଆଂଚଳିକ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଗତକାଲି ଠାରୁ ତାପମାତ୍ରାରେ ବୃଦ୍ଧି ସାଙ୍ଗକୁ ରାଜ୍ୟରେ ତାତି ବଢ଼ିଛି । ଉପକୂଳ ଓଡ଼ିଶାରେ ମଧ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରିଛି ।

# ଥାନାରେ କାମ କରୁନି ସିସିଟିଭି: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ

ଭୁବନେଶ୍ୱର, ୧୨/୪ (ନି.ପ୍ର): ରାଜ୍ୟର ୩୨୪ଟି ଥାନାରେ ଅଚଳ ସିସିଟିଭି । ଥାନାରେ ୨୯୭ଟି ଏବଂ ଆଉଟ୍‌ପୋଷ୍ଟରେ ୨୭ଟି କ୍ୟାମେରା କାମ କରୁନି । ଯାହାକୁ ନେଇ ଉଦ୍‌ବେଗ କରିଛି ରାଜ୍ୟ ପୁଲିସ ମୁଖ୍ୟାଳୟ । ଏ ବାବଦରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର ବା ଓକାକ୍ ସିଇଓଙ୍କୁ ଚିଠି




ଲେଖି ଅବଗତ କରିଛନ୍ତି ଅତିରିକ୍ତ ଡିଜି । ଏଥିସହ ରାଜ୍ୟର ୬୪୫ଟି ଥାନା ଭିତରୁ ୫ଟି ଥାନାରେ ଆଦୌ କାମ କରୁନି ସିସିଟିଭି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ସମସ୍ତ ଥାନା ଓ ଆଉଟପୋଷ୍ଟରେ ଲାଗିଥିବା ସିସିଟିଭି ଗୁଡ଼ିକ ବିନା କୌଣସି ବାଧାରେ ୨୪

◆◆ପୃଷ୍ଠା ୭

# ଆଇଟିଆଇ ପଡ଼ିଆରେ ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୧୨/୪ (ନି.ପ୍ର): ବାଲେଶ୍ୱର ସହରର ଆଇଟିଆଇ ପଡ଼ିଆରେ ବୈଶାଖୀ ମହୋତ୍ସବ-୨୦୨୬ ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ଆୟୋଜିତ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉଦ୍‌ଘାଟନ କରିବା ସହିତ ସଂସ୍କୃତି ଓ ପରମ୍ପରା ରକ୍ଷାରେ ଆୟୋଜିତ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ଏହି ମହୋତ୍ସବ ବାଲେଶ୍ୱରବାସୀଙ୍କ ପାଇଁ ମନୋରଂଜନର ଖୋରକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ



ଚନ୍ଦ୍ରବିନ୍ଦ ଦାସ ଯୋଗଦେଇ ବୈଶାଖୀ ମହୋତ୍ସବ ପାଳନର ଯଥାର୍ଥତା ଏବଂ ଏହାର ଐତିହାସିକ ତଥା ପୌରାଣିକ ପୃଷ୍ଠଭୂମି ସଂପର୍କରେ ଆଲୋକପାତ କରିଥିଲେ । ବାଲେଶ୍ୱର ବାର ଆସୋସିଏସନର ସଭାପତି ମନୋଜ କୁମର ନାୟକ, ଧ୍ୱନିପ୍ରତିଧ୍ୱନି ଖବରକାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଉତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ଉଜ୍ଜଳ ଚନ୍ଦ୍ର କର ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ବୈଶାଖୀ ମହୋତ୍ସବର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ମହୋତ୍ସବ କମିଟି ସଭାପତି ନରେନ୍ଦ୍ର ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକଅମରେ ସଂପାଦକ ଦିବାକର ଜେନା ବିବରଣୀ ଉପସ୍ଥାପନ କରିଥିଲେ । ଗଗନ କୁମାର ସେଠୀ ଏଥିରେ ସଂଯୋଜନା

◆◆ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗୋଷ୍ଠୀଗତ ବିବାହ ପାଇଁ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର, ୧୨/୦୪ (ନି.ପ୍ର): ଜିଲ୍ଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଗୋଷ୍ଠିଗତ ବିବାହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆର୍ଥିକ ସ୍ୱଚ୍ଛଳତା ନଥିବା ୩୦ ଯୋଡିଙ୍କ ବିବାହ ପାଇଁ ସୋନପୁର ସହରର ନୂତନ ଟାଉନହଲ ଠାରେ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ସଫଳ ଭାବରେ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମାଜସେବୀ ମାନଙ୍କୁ ଆହ୍ୱାନ କରିବା ସହ ଦାୟିତ୍ୱ ବଂଟନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଡିଏସଡବ୍ଲୁଓ, ବୀଣାପାଣି ମିଶ୍ର, ଡିଏସ ଏସ ଓ, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସିଡିଓ ତଥା ଇଓ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝି, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝି, ଡିଆଇପିଆରଓ ପ୍ରୀତି ସୁନା, ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ମନୋରଞ୍ଜନ ତ୍ରିପାଠୀ, ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଙ୍ଗୀ, ରେଆର କର୍ମକର୍ତା ମନୋଜ କୁମାର ସ୍ୱାଇଁ ଏବଂ ସାମ୍ବାଦିକ ଉପସ୍ଥିତ ଥିଲେ। ପରିଶେଷରେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଙ୍ଗୀ ସମସ୍ତ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ରକ୍ତଦାନ ଶିବିର: ୩୨ ୟୁନିଟ ରକ୍ତ ସଂଗ୍ରହ

ଜୟପୁର, ୧୨/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଓଡିଆ ପକ୍ଷ ପାଳନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଜୟପୁର ବିଡିଓ ଶକ୍ତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଶିବିରରେ ୩୨ ୟୁନିଟ ସଂଗ୍ରହ କରାଯାଇଛି।

ଏଠାରେ ମେଡିକାଲ ଅଫିସ ଡାକ୍ତର ସ୍ୱାସ୍ତିକ ମହଲା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ବିପିଏମ ସନ୍ତୋଷିନି ପଣ୍ଡା ଉପସ୍ଥିତ ଥିଲେ । ମେଡିକାଲ ଅଫିସର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଅନ୍ୟମାନେ ରକ୍ତଦାନ କରିଥିଲେ । କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଅଣ-କ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା, ୧୨/୦୪ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି ଏମ ଏଫ୍ ସମ୍ମିଳନୀ କକ୍ଷଠାରେ ଅଣ-କ୍ୟାଡର ପ୍ରସିକ୍ୟୁଟର ମାନଙ୍କ ପାଇଁ ଏକ ଦୁଇ ଦିନିଆ 'ଇଣ୍ଡକସନ୍ ଏବଂ ରିଫ୍ରେସର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓ ଦୌରା ଜଜ୍ ପ୍ରଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଜି.ଆର. ରାଘବେନ୍ଦ୍ର ଏବଂ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଶିକ୍ଷଣର ପ୍ରଥମ ଦିନରେ ଆରକ୍ଷୀ ଅଧିକ୍ଷକ ଜି.ଆର. ରାଘବେନ୍ଦ୍ର ପ୍ରତିଭାଗୀମାନଙ୍କୁ ସମ୍ବୋଧିତ କରି ଇଲେକ୍ଟ୍ରୋନିକ୍ ଏବଂ ଡିଜିଟାଲ୍ ପ୍ରମାଣ, 'ଇ-ସାକ୍ଷ୍ୟ' ଏବଂ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଧୁନିକ ଯୁଗରେ ଅପରାଧିକ ତଦନ୍ତ କ୍ଷେତ୍ରରେ ଡିଜିଟାଲ୍ ପ୍ରମାଣର ସଂଗ୍ରହ, ସଂରକ୍ଷଣ ଏବଂ ଏହାକୁ ନ୍ୟାୟାଳୟରେ ଉପଯୁକ୍ତ ଭାବେ ଉପସ୍ଥାପନ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ରାଘବେନ୍ଦ୍ର କହିଥିଲେ, 'ଝାରସୁଗୁଡ଼ା ପୋଲିସ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ ଅପରାଧିକ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। 'ଇ-ସାକ୍ଷ୍ୟ' ଏବଂ ଆଇ ସି ଜେ ଏସ ପରି ପ୍ଲାଟଫର୍ମ ପୋଲିସ, ଅଦାଲତ ଏବଂ ପ୍ରସିକ୍ୟୁସନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।' କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହି ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗ ଯଥା- ନ୍ୟାୟପାଳିକା, ଫୋରେନସିକ୍, ମେଡିକାଲ ଏବଂ ଆଇନ ବିଶେଷଜ୍ଞମାନେ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ନୂତନ ନିଯୁକ୍ତ ପ୍ରସିକ୍ୟୁଟରମାନଙ୍କୁ ଆଇନର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଝାରସୁଗୁଡ଼ା ଡେପୁଟି ଡାଇରେକ୍ଟର ଅଫ୍ ପବ୍ଲିକ୍ ପ୍ରସିକ୍ୟୁସନଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ପରିଚାଳିତ ହେବ।

## 'ପ୍ରତିଷ୍ଠା' ପକ୍ଷରୁ ରକ୍ତଦାନ ଶିବିର: ୩୦ ୟୁନିଟ୍ ସଂଗ୍ରହ

ସମ୍ବଲପୁର, ୧୨/୦୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ଓ ରକ୍ତ ଅଭାବ କୁ ନଜରରରେ ରଖି ଜନକଲ୍ୟାଣ ଅନୁଷ୍ଠାନ ପ୍ରତିଷ୍ଠା ପରିବାର ତରଫରୁ ବୁର୍ଲା ଭୀମସାର ସ୍ଥିତ ରକ୍ତ ଭଣ୍ଡାରରେ ଗତକାଲି ଅନୁଷ୍ଠିତ ଏକ ଶିବିର ବିଭିନ୍ନ ବର୍ଗର ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରତିଷ୍ଠାର ବରିଷ୍ଠ ଉପଦେଷ୍ଟା ତଥା ଭୀମସାରର ପ୍ରାକ୍ତନ ଅଧକ୍ଷ ପ୍ର. ବ୍ରଜ ମୋହନ ମିଶ୍ର ମୁଖ୍ୟ ଅତିଥି, ରକ୍ତ ଭଣ୍ଡାରର ମୁଖ୍ୟ ଡା. ଚିତ୍ତ ରଞ୍ଜନ ପଣ୍ଡା ଓ ଲୋକ ସମ୍ପର୍କ ଅଧିକାରୀ ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି ଭାବରେ ଶିବିରକୁ ଉଦଘାଟନ କରିଥିଲେ। ସଭାପତି ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଅତିଥି ମାନଙ୍କୁ ସମ୍ମାନିତ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ତରଣୀ ସେନ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାର ସକ୍ରିୟ ସଦସ୍ୟ ଜୟନ୍ତ କୁମାର ସାହୁ, ଗୋବର୍ଦ୍ଧନ ଗୌଡ଼, ଶ୍ୟାମ ଗୌଡ଼, ସନାତନ ବାରିକ, ଇଂ ଦୀପକ କୁମାର ରାଉତ, ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜେଶ ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଆଉ ଏକ ରକ୍ତଦାନ ଶିବିର ଓ ଗ୍ରାମାଞ୍ଚଳରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବ ବୋଲି ପ୍ରତିଷ୍ଠା ସୂତ୍ରରୁ ପ୍ରକାଶ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାଠାରେ 'ମହିଳା ସଂରକ୍ଷଣ ଆଇନ ଉପରେ ଜନମତ' ଆଲୋଚନାଚକ୍ର

ଝାରସୁଗୁଡା, ୧୨/୦୪ (ନି.ପ୍ର): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ନିର୍ବାଚନ ସାକ୍ଷରତା କ୍ଲବର ଯୁଗ୍ମ ସହଭାଗିତାରେ "ମହିଳା ସଂରକ୍ଷଣ ଆଇନ ଉପରେ ଜନମତ" ବିଷୟରେ ଏକ ସ୍ୱତନ୍ତ୍ର ବକ୍ତୃତା ଆଲୋଚନାଚକ୍ର ସଫଳତାର ସହ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନର ଅଧ୍ୟାପକ ତପନ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ବିଭାଗମୁଖ୍ୟ ଅଧ୍ୟାପକ ରକି ବିଶ୍ୱାଲ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନାଚକ୍ରରେ ଲଇଡା ପି.ଏସ. କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦର ବାଗ୍ମୀ ଛାତ୍ର କୈଳାସ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ତାଙ୍କର ସୁଦୃଢ଼ ଓ ତଥ୍ୟସମୃଦ୍ଧ ଆଲୋଚନାରେ ମହିଳା ସଂରକ୍ଷଣ ଆଇନର ବିଭିନ୍ନ ପର୍ଯ୍ୟାୟକୁ ଆଲୋଚନା କରିଥିଲେ। ସେ ଜନମତ ଗଠନରେ ଗଣମାଧ୍ୟମ, ଶିକ୍ଷା ଓ ସାମାଜିକ ସଂସ୍ଥାମାନଙ୍କ ଭୂମିକା ଉପରେ ମତ ପ୍ରକାଶ କରିବା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ଅନ୍ତର୍ଭୁକ୍ତ ପ୍ରତିନିଧିତ୍ୱର ଗୁରୁତ୍ୱ ଉପରେ ମତ ଦେଇଥିଲେ। ପରବର୍ତୀ ପର୍ଯ୍ୟାୟରେ ଆୟୋଜିତ ଖୋଲା ଆଲୋଚନା ଅଧିବେଶନରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ମହିଳା ସଂରକ୍ଷଣର ଆବଶ୍ୟକତା ଓ ପ୍ରଭାବ ବିଷୟରେ ନିଜ ମତ ପ୍ରକାଶ କରିଥିଲେ। ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲିଙ୍ଗ ସମାନତା ଓ ରାଜନୈତିକ ସଚେତନତାର ଉଚ୍ଚ ସ୍ତରକୁ ପ୍ରତିଫଳିତ କରିଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ରାଜନୀତି ଓ ନିଷ୍ପତି ଗ୍ରହଣରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ପାଇଁ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ସମାନ ଓ ସନ୍ତୁଳିତ ବିକାଶରେ ଏହାର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଅଧ୍ୟାପିକା ପୂଜା ଶାହା, ସ୍ୱାଗତିକା ବାରିକ, ପ୍ରାଧ୍ୟାପକ ବ୍ରଜେଶ ସାହୁ, ଡ.ସ୍ୱର୍ଣ୍ଣମୟୀ ପୁରୋହିତ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା। ଶେଷରେ ଅଧ୍ୟାପିକା ଡ଼. ସୁଚରିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ା ନଗର ପାଳିକାରେ ସ୍ୱ-ଗଣନା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ନୂଆପଡ଼ା, ୧୨/୦୪ (ନି.ପ୍ର): ନୂଆପଡ଼ା ନଗର ପାଳିକା ପରିଷଦ ଅଂଚଳରେ ସ୍ୱ-ଗଣନା ସମ୍ବନ୍ଧୀୟ ସଚେତନତା ବୃଦ୍ଧି ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜନଗଣନା ଚାର୍ଜ ଅଫିସର ସନ୍ଦୀପ କୁମାର ଚନ୍ଦ୍ରକାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ନଗର ପାଳିକା ପରିଷଦର ସମସ୍ତ ଗଣନାକାରୀ, ସୁପରଭାଇଜର, ସ୍ୱଚ୍ଛ ସାଥୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ ଓ ପରିଷଦର ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସ୍ୱ-ଗଣନା ପ୍ରକ୍ରିୟା, ଏହାର ଗୁରୁତ୍ୱ ଓ ସଠିକ୍ ତଥ୍ୟ ସଂଗ୍ରହର ଆବଶ୍ୟକତା ବିଷୟରେ ସମସ୍ତଙ୍କୁ ବିସ୍ତୃତ ଅବଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଗଣନାକାରୀମାନଙ୍କ ଭୂମିକାକୁ ପ୍ରଶଂସା କରି ସଠିକ୍ ଓ ସମୟୋପଯୋଗୀ ତଥ୍ୟ ସଂଗ୍ରହ ପାଇଁ ସମସ୍ତଙ୍କୁ ନିଷ୍ଠାପୂର୍ବକ କାମ କରିବାକୁ ଆହ୍ୱାନ ଦେଇଥିଲେ।

# କେନ୍ଦୁଝରରେ ଆମ ଆଦମୀ ପାର୍ଟିର ନିର୍ବାଚନ ପ୍ରସ୍ତୁତି ବୈଠକ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ

କେନ୍ଦୁଝର, ୧୨/୦୪ (ନି.ପ୍ର): ଆମ ଆଦମୀ ପାର୍ଟି, କେନ୍ଦୁଝର ପକ୍ଷରୁ ଆସନ୍ତା ନିର୍ବାଚନକୁ ନଜରରେ ରଖି କେନ୍ଦୁଝର ଜିଲ୍ଲାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ରୋଟାରୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଦଳର ମିଶ୍ରଣ ପର୍ବ ମଧ ଆୟୋଜିତ ହୋଇଥିଲା, ଯେଉଁଠାରେ ଅନେକ ନୂତନ ସଦସ୍ୟ ଦଳରେ ଯୋଗଦେଇଥିଲେ।

ଏହି ବୈଠକରେ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ଉଦବୋଧନ ରେ ଦଳର ସଂଗଠନକୁ ଆହୁରି ମଜବୁତ କରିବା ସହ ଗ୍ରାସରୁଟ୍ ସ୍ତରରେ କାମ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ବିଦ୍ୟୁତ୍ ଓ ନିଯୁକ୍ତି ଭଳି ମୂଳଭୂତ ସମସ୍ୟାଗୁଡିକୁ ନେଇ ଲୋକମାନଙ୍କ ମଧ୍ୟରେ ପହଂଚିବା ଦରକାର।

ଏହି କାର୍ଯ୍ୟକ୍ରମରେ ଲୋକସଭା ସଭାପତି ସୁଶାନ୍ତ ନାୟକ, ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ, ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, ଜିଲ୍ଲା ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଜିଲ୍ଲା ଯୁବ ସଭାପତି କମଳ ଲୋଚନ ମହାନ୍ତ, ଜିଲ୍ଲା କୋଷାଧକ୍ଷ ସନ୍ତୋଷ ବାରିକ, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାୟକ ଓ ଦାଶରଥୀ ମହାନ୍ତ, ପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତ, ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସଭାପତି ମନୋରଞ୍ଜନ ପଲେଇ, ତେଲକୋଇ ନିର୍ବାଚନ ମଣ୍ଡଳୀ ସଭାପତି ତଥା ଗୀତାରାଣୀ ମହାନ୍ତ, ମମତା ରାଣୀ ବିଶ୍ୱକଲ୍ୟାଣୀ ମହାନ୍ତ, ସୁମିତ୍ରା ପ୍ରଧାନ ଉପସ୍ଥିତ ଥିଲେ।

ବୈଠକରେ ଆସନ୍ତା ନିର୍ବାଚନ ପାଇଁ କୌଶଳ ଓ କାର୍ଯ୍ୟପଦ୍ଧତି ଉପରେ ତଳସ୍ତରରୁ ବ୍ୟାପକ ଆଲୋଚନା ହୋଇଥିଲା। ଏହା ସହିତ ମିଶ୍ରଣ ପର୍ବରେ ଯୋଗଦେଇଥିବା ନୂତନ ସଦସ୍ୟମାନଙ୍କୁ ଦଳର ପତାକା ଓ ଉତରୀୟ ପିନ୍ଧାଇ ସ୍ୱାଗତ କରାଯାଇଥିଲା।

ଶେଷରେ, ସମସ୍ତ କର୍ମୀ ଏକତାବଦ୍ଧ ହୋଇ ଆସନ୍ତା ନିର୍ବାଚନରେ ଦଳକୁ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ।

# ଧାମନଗର ପଂଚାୟତ ସମିତିରେ ଲୋକ କଳା ଦିବସ ପାଳିତ: ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ

ଭଦ୍ରକ, ୧୨/୦୪ (ନି.ପ୍ର): ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରତୀକ ହେଉଛି ଆମର ଲୋକ କଳା। ଏହି ପାରମ୍ପରିକ କଳାକୁ ବଂଚାଇ ରଖିବା ଏବଂ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ 'ଲୋକ କଳା ଦିବସ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗତକାଲି (୧୦ ତାରିଖ) ଧାମନଗର ପଂଚାୟତ ସମିତି ପକ୍ଷରୁ ସ୍ଥାନୀୟ ପଂଚାୟତ ସେମିତି ସମ୍ମିଳନୀକକ୍ଷରେଏହି ଦିବସ ପାଳିତ ହୋଇଯାଇଛି। ମାତ୍ର କାର୍ଯ୍ୟକ୍ରମର ପରିଚାଳନା ଓ ଆୟୋଜନକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଗ୍ରାମାଞ୍ଚଳରେ ଲୁପ୍ତପ୍ରାୟ ହେବାକୁ ବସିଥିବା ଲୋକ କଳାର ପ୍ରଚାର ପ୍ରସାର କରିବା ଏବଂ ନୂତନ ପିଢ଼ିକୁ ଏହା ସହ ଯୋଡ଼ିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଧାମନଗରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଳାକାର ଯୋଗ ଦେଇଥିଲେ ମଧ ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ କଳା ପ୍ରେମୀମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମ ସମ୍ପର୍କରେ ବହୁ ଲୋକକଳାକାର ଓ ସାଧାରଣ ଜନତା ଅବଗତ ନଥିଲେ, ଯାହା ଫଳରେ ଏହା କେବଳ ଏକ ସରକାରୀ ଔପଚାରିକତାରେ ସୀମିତ ରହିଗଲା। ଲୋକ କଳାକୁ ଉଦଜୀବିତ କରିବା ପାଇଁ ଯେଉଁ ପ୍ରକାର ମଂଚ ଓ ଆନୁଷଙ୍ଗିକ ବ୍ୟବସ୍ଥା ଆବଶ୍ୟକ ଥିଲା, ତାହା ଦେଖିବାକୁ ମିଳିନଥିଲା। କଳାର ମୂଲ୍ୟବୋଧ ଓ ଏହାର ଐତିହ୍ୟ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ପ୍ରଶାସନ ବିଫଳ ହୋଇଥିବା କୁହାଯାଉଛି।ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ କେବଳ ଗୋଟିଏ ଦିନ ଉତ୍ସବ ପାଳନ କରିବା ଯଥେଷ୍ଟ ନୁହେଁ। ଯଦି ପ୍ରକୃତ କଳାକାରଙ୍କୁ ସମ୍ମାନ ଓ କଳାର ବିକାଶ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ନିଆନଯାଏ, ତେବେ ସରକାରୀ ଅର୍ଥର ବ୍ୟୟ କେବଳ ପ୍ରହସନ ପାଲଟିବ। ଆଗାମୀ ଦିନରେ ଏହିପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗୁଡ଼ିକୁ ଅଧିକ ବ୍ୟାପକ ଏବଂ ଅଭିମୁଖ୍ୟ ଭିତିକ କରିବାକୁ ସାଧାରଣରେ ଦାବି ହୋଇଛି।ତେବେ ଶୁକ୍ରବାର ଦିନ ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ପଂଚାୟତ ସମିତି ସଭାଗୃହ ପରିସରରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ 'ଲୋକକଳା ପାଇଁ ଦିନଟିଏ' ପାଳନ କରାଯାଇଥିଲା। ଏହି ଅବସରରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଆଶୋକ ପୁହାଣ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ ଓ ବ୍ଲକ ସହକାରୀ କାର୍ଯକ୍ରମ ଅଧିକାରୀ (ଏପିଓ) ପୀୟୁଷ ରଞ୍ଜନ ରାଉତ ଉପସ୍ଥିତ ରହିଥିଲେ। ତରବରିଆ ଭାବେ କିଛି ବ୍ୟକ୍ତୀଙ୍କୁ ସମ୍ବର୍ଦ୍ଧନା ଜଣାଇ ସେମାନଙ୍କର ଲୋକକଳା ପ୍ରତି ଅବଦାନକୁ ସ୍ୱୀକାର କରାଯାଇଥିଲା। ତେବେ ପ୍ରତି ଥର ସରକାର ଙ୍କ ଦ୍ୱାରା ଲୋକକଳା ଗ୍ରାମ ବନ୍ଧଟିଆ ରେ ପାଳନ ହେଉଥିବା ବେଳେ ତରବରିଆ ଭାବରେ କାହାକୁ କିଛି ନ ଜଣାଇ ଏପରି କାର୍ଯ୍ୟକ୍ରମ ପ୍ରହସନ ବୋଲି ବ୍ଲକ ଲୋକକଳା ସଙ୍ଘ ର ଉପ ସଭାପତି ସୁବାସ ମଲିକ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି। ଏହି ସଙ୍ଗ ର ବିଡ଼ିଓ ସଭାପତି ଥିବା ବେଳେ ତାଙ୍କ ଅନୁପସ୍ଥିତ ରେ ଏହି କାର୍ଯ୍ୟକ୍ରମ ହୋଇଥିଲା ଏବଂ ବିଡ଼ିଓ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲା ।

## ଗଣ୍ଡାଖିଆ ଛକରେ ଦହିପାଣି ବଣ୍ଟନ

କେନ୍ଦ୍ରାପଡା, ୧୨/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗ୍ରାମପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଗଣ୍ଡାଖିଆ ଛକଠାରେ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଫିତାକାଟି ଉଦ୍ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଂଯୋଜକ ଶିକ୍ଷାବିତ କୈଳାଶ ଚନ୍ଦ୍ର ସ୍ୱାଇଁ, ଓଡିଶା ହାଇକୋର୍ଟର ଆଇନଜୀବି ଅବିନାଶ ପଣ୍ଡା, ପୁରୁଷୋତ୍ତମପୁର ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଭ୍ରମରବର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆୟବା ମଞ୍ଚର ସଭାପତି ଅମୂଲ୍ୟ କୁମାର ସ୍ୱାଇଁ, ସମ୍ପାଦକ ସ୍ୱାଧୀନ କୁମାର ସ୍ୱାଇଁ, କୋଷାଧକ୍ଷ ହୃଷୀକେଶ ସାହୁ, ଉପଦେଷ୍ଟା ଅଜୟ କୁମାର ଦାସ, ଆଦିକନ୍ଦ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ଅଭୟ କୁମାର ନାୟକ, ନୃସିଂହ ସାହୁ, ଭାଗବତ ଦାସ, ଅଜୟ କୁମାର ସାହୁ, ସନ୍ତୋଷ କୁମାର ମଣ୍ଡଳ, ମଣ୍ଟୁ ସେଠୀ, ଅଲେଖ ଚନ୍ଦ୍ର ସେଠୀ, କୁମର ମଣି ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ନବନିର୍ମିତ ପାଠାଗାରର ରାସ୍ତା ଓ ଆସବାବ ପତ୍ର ସହ ପାଠାଗାରର ବହିପତ୍ର ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା ।

# ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ

ସମ୍ବଲପୁର, ୧୨/୦୪ (ନି.ପ୍ର): ସମ୍ବଲପୁର ସଦର ସ୍ଥିତ ପରମାଣପୁର ମାଟିରେ ଜନ୍ମିତ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ପରମାଣପୁର ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ଡଃ ଶ୍ୟାମସୁନ୍ଦର ଧର, ମୁଖ୍ୟବକ୍ତା ଭାବେ ଡ଼. ସତ୍ୟ ନାରାୟଣ ଠାକୁର ଏବଂ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡଃ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସମ୍ବଲପୁର ପ୍ରେସ କ୍ଲବର ସାଧାରଣ ସମ୍ପାଦକ ତଥା ନିର୍ମାଲ୍ୟ ସାହିତ୍ୟ ସଂସଦ ସଭାପତି ଭବାନୀଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏତଦ୍ ବ୍ୟତୀତ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସମ୍ପର୍କୀୟ ଭାଇ ଜଗତେଶ୍ୱର ମିଶ୍ର ଏବଂ ପରିବାର ସଦସ୍ୟ ସୁଧାଂଶୁ ଶେଖର ମିଶ୍ର ମଧ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିଲେ। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ପରମାଣପୁରରେ ଜନ୍ମଗ୍ରହଣ କରିଥିବା ନେଇ ଜଗତେଶ୍ୱର ମିଶ୍ର ସ୍ପଷ୍ଟ କରିଥିଲେ। ସୁଧାଂଶୁ ଶେଖର ମିଶ୍ର ମଧ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ପରମାଣପୁର ସହ ଜଡ଼ିତ ସମ୍ପର୍କ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭବାନୀଶ ଭୋଇ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସ୍ମୃତି ରକ୍ଷା ସହ ତାଙ୍କର ଅନାଲୋଚିତ ବଳିଦାନ ଲୋକ ଲୋଚନକୁ ଆଣିବାକୁ ଆହ୍ୱାନ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ୧୭ ବର୍ଷ କାରାବରଣ କରିବା ସମୟରେ ଅଧ୍ୟୟନ ହିଁ ତାଙ୍କୁ ପଣ୍ଡିତ ଭାବେ ପ୍ରତିଷ୍ଠିତ କରିପାରିଥିଲା ବୋଲି କହିଥିଲେ। ମୁଖ୍ୟ ବକ୍ତା ଡ଼. ସତ୍ୟ ନାରାୟଣ ଠାକୁର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ୧୭ ବର୍ଷ ବୟସରେ ସ୍କୁଲ ବର୍ଜନ ଠାରୁ ବିଧାୟକ ଭାବରେ ସଂଘର୍ଷର କାହାଣୀ ବଖାଣିବା ପରେ ତାଙ୍କର ଅପ୍ରକାଶିତ ୧୦ ଖଣ୍ଡ ପାଣ୍ଡୁଲିପି ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କରିବାକୁ ଦାବି କରିଥିଲେ। ମୁଖ୍ୟ ଅତିଥି ଡ଼. ଶ୍ୟାମ ସୁନ୍ଦର ଧର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଦେଶର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ନିର୍ମାଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ସାହିତ୍ୟ ପତ୍ରିକା 'ନିର୍ମାଲ୍ୟ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଯୁବକ ସଂଘ ସଭାପତି ସବୀର ରଞ୍ଜନ ନାଥ ପରିଚାଳନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ସରୋଜ କୁମାର ନାଥ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ନିରୁପମା ନାଥଙ୍କ ସଂଯୋଜନାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଗୀତିକାର ବିଭୂତି ଭୂଷଣ ନାଥ ସଭାପତିତ୍ୱ କରିଥିଲେ। ଏଥିରେ ବିଶିଷ୍ଟ ଗାୟକ ମୋତିଲାଲ ଦୋରା, ବିଭୂତି ଭୂଷଣ ପଟ୍ଟନାୟକ, ତେଜରାଜ ନାୟକ, ସନ୍ତୋଷ ମିଶ୍ର, ତ୍ରିବିକ୍ରମ ମାହାଣା, ବେଣୁଧର ନାଥ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପରମାଣପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କବି ଓ କବୟତ୍ରୀ ମାନେ ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ କବୟତ୍ରୀ ସୁଷମା ପ୍ରଧାନ ସଂଯୋଜନା କରିଥିଲେ। ନିର୍ମାଲ୍ୟ ସାହିତ୍ୟ ସଂସଦ ସହଯୋଗରେ ଆୟୋଜିତ ଏହି ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯୁବକ ସଂଘର ସୁବ୍ରତ ଗାଆଣ, ଅଚ୍ୟୁତ ନାଥ, ଦେବବ୍ରତ ନାଥ,ବାପୁନୀ ପୃଷ୍ଟୀ, ଗୋପାଳ ବେହେରା, ସଞ୍ଜୟ ଗାଆଣ, ସଞ୍ଜୀବ ନାଥ, ମନୋଜ ନାଥ, ନିର୍ମାଲ୍ୟ ସାହିତ୍ୟ ସଂସଦ ସମ୍ପାଦକ ପ୍ରଦ୍ୟୁମ୍ନ ବିଶି, ବରିଷ୍ଠ ସଦସ୍ୟ ତ୍ରିଲୋଚନ ସାହୁ, ଲଳିତ ମୋହନ ପ୍ରଧାନ, ରାହାସ ବିହାରୀ ନାଥ, ମହେଶ୍ୱର ନାଏକ, ରାଜଲକ୍ଷ୍ମୀ ମିଶ୍ର, କୈଳାଶ ବାରିକ୍, କାହ୍ନୁ ଚରଣ ନାଥ, ଉମେଶ ମେହେର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଋଷିପୀଠ ଯୋଗୀମଠ ମହୋତ୍ସବର ଦ୍ୱିତୀୟ ଦିନ: ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର

ନୂଆପଡ଼ା, ୧୨/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମର କଲେଜ ପଡ଼ିଆ ଠାରେ ଅନୁଷ୍ଠିତ ଋଷିପୀଠ ଯୋଗୀମଠ ମହୋତ୍ସବ ଆଜି ଦ୍ୱିତୀୟ ଦିନରେ ପହଂଚିଛି। ଋଷିପୀଠ ଯୋଗୀମଠ ମହୋତ୍ସବ ପାଳନ କମିଟିର ଉପ ସଭାପତି ବୁଦାଙ୍ଗ ଜାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଭାବରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ବିଶିଷ୍ଟ ଅତିଥି ଭାବରେ ଖଡ଼ିଆଳ ରାଜା ସାହେବ ଦେବ ଦେବ ପ୍ରସାଦ ସିଂହଦେଓ, ସମ୍ମାନୀତ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡ଼ିଆଳ ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା, ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡବା, ସରପଂଚ ଦୀପିକା ବେହେରା, କୁନୁ ଚରଣ ବେହେରା ଓ ସଦା ଚରଣ ତାଣ୍ଡି ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ନୂଆପଡ଼ା ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପ ସଭାପତି ଅର୍ଜୁନ ଛତ୍ରିଆ ମଂଚାସିନ ଥିଲେ। କଳା ସାହିତ୍ୟ ସଂଯୋଜକ ବିଭୂତି ଭୂଷଣ ଦାଶ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ମହୋତ୍ସବ ପାଳନ କମିଟି ଉପ ସଭାପତି ବେଣୁପାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କମିଟିର ଗଙ୍ଗାଧର ମହାଉତୀ, ଗୌରୀ ଶଙ୍କର ଦୁବେ, ସଞ୍ଜୀବ କୁମାର ଦାଶ, ସତ୍ୟବାନ ଦାଶ, ରମେଶ ଦାଶ, ସୁଜିତ କୁମାର ଦାଶ, ମନମୋହନ ସିଂହ୍ୱାବୁ, କୁନାଲ ଚରଣ ବେହେରାଙ୍କ ସଂଯୋଜନାରେ ଓଡ଼ିଶୀ, ଆଦିବାସୀ ନୃତ୍ୟ, ସୁନାଦେଇ ଯାତ୍ରା, ଘୁଡ଼କା, ଫୋକ ଜେନ, କମେଡି, ଘୁମୁରା, ପଂଚରସୀ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତମାମ ଦର୍ଶକ ବିଭୋର ଯୋଇ ଉଠିଥିଲେ। ଏହି କାର୍ଯ୍ୟକ୍ରମ ସଭାପତି ରାଜ କୁମାର ଖେମକା, ସମ୍ପାଦକ ମାଲ୍ୟବନ୍ତ ସୁନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଅଛି।

# ସ୍କୁଟି ସହ ୨୦ ଲିଟର ଦେଶି ମଦ ଜବତ: ଅଭିଯୁକ୍ତ ଗିରଫ

ଭୁବନ, ୧୨/୦୪ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ କାର୍ଯ୍ୟାଳୟରେ ନୂତନ ନିରୀକ୍ଷକ ଭାବେ ବୁଲୁ ପାତ୍ର ଯୋଗଦେବା ପରଠାରୁ ରୀତିମତ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି । ଶୁକ୍ରବାର ଦିନ ଭୁବନ ଥାନା ଅନ୍ତର୍ଗତ ଚନ୍ଦାର ଗ୍ରାମରେ ଚଢଉ କରାଯାଇ ସ୍କୁଟି ସହିତ ୨୦ ଲିଟର ଦେଶି ମଦ ଜବତ କରାଯିବା ସହିତ ମଦ ନେଇ ଯାଉଥିବା ବିକର ସାହୁକୁ ଗିରଫ କରାଯାଇଥିଲା । ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନାଙ୍କ ସହଯୋଗରେ ଚଢ଼ଉ କରି ଅଭିଯୁକ୍ତ ବିକର ନାମରେ କେଶ୍ ନଂ ୦୬/୨୦୨୬-୨୭ ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ



ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ । ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ବା ପାଦକୁ ମୁର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ବା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି । ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ । ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ବା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ । ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି । ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

# ଘରେ ତିଆରି କରନ୍ତୁ ମସଲା ବ୍ରେଡ୍ ଟୋଷ୍ଟ



ଆବଶ୍ୟକ ସାମଗ୍ରୀ: ବ୍ରେଡ୍, ସିଝା ଆଳୁ (ଅଧା ଚକଟା ହୋଇଥିବା), ଧନିଆ ପତ୍ର, ଲେମ୍ବୁ, ପିଆଜ, ଟମାଟୋ, କ୍ୟାପ୍‌ସିକମ୍, ପାଓଭାଜି ମସଲା, ଲଙ୍କା ଗୁଣ୍ଡ, ବଟର ଏବଂ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନେଇ ସେଥିରେ ସିଝା ଆଳୁ (ଅଧା ଚକଟା ହୋଇଥିବା), କଟା ଧନିଆ ପତ୍ର, ପିଆଜ,ଲେମ୍ବୁ ରସ, କଟା କ୍ୟାପ୍‌ସିକମ୍, ଲଙ୍କା ଗୁଣ୍ଡ, ପାଓଭାଜି ମସଲା ପକାଇ



ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଶେଷରେ ଲୁଣ ପକାଇ ଆଉ ଥରେ ଗୋଳାଇ ଦିଅନ୍ତୁ।ଏହା ପରେ ବ୍ରେଡ୍ ନେଇ ତା ଉପରେ ପୂର୍ବରୁ ପ୍ରସ୍ତୁତ କରିଥିବା ମସଲାକୁ ଲଗାଇ ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ ତାୱା ବସାଇ ସେଥିରେ ବଟର ପକାନ୍ତୁ। ପରେ ସେଥିରେ ବ୍ରେଡ୍ ମସଲାକୁ ପକାଇ ଅଳ୍ପ ଆଞ୍ଚରେ ଭାଜନ୍ତୁ। ଅଧିକ ଆଞ୍ଚରେ ବ୍ରେଡଟିକୁ ଭାଜିଲେ ପୋଡ଼ି ଯିବ। ଧୀମା ଆଞ୍ଚରେ ଭାଜିଲେ ବ୍ରେଡ୍ ଟୋଷ୍ଟ ଲାଲ ଦେଖାଯିବା ସହ ପୋଡ଼ିବନି। ଦୁଇ ସାଇଡ୍ ହୋଇଯିବା ପରେ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମସଲା ବ୍ରେଡ୍ ଟୋଷ୍ଟ। ଏହାକୁ ଆପଣ ପୁଦିନା ଚଟଣୀ ଓ ଟମାଟୋ ସସ୍ ସହ ଖାଆନ୍ତୁ।



# ଖାଦ୍ୟ ପସନ୍ଦ ଶୈଳୀରୁ ଜାଣିପାରିବେ ଝିଅଙ୍କ ଲଭ୍ ଲାଇଫ୍ ସମ୍ପର୍କିତ ରୋମାଞ୍ଚକର ତଥ୍ୟ



ଖାଦ୍ୟପେୟରେ ସମସ୍ତଙ୍କ ରୁଚି ଭିନ୍ନ ଭିନ୍ନ ହୋଇଥାଏ। କାହାକୁ ଖଟା ଖାଇବାକୁ ଭଲ ଲାଗୁ ଥିବାବେଳେ କାହାକୁ ମିଠା ଅଧିକ ପସନ୍ଦ ହୋଇଥାଏ। ତେବେ ଆପଣ ଜଣକର ଖାଦ୍ୟ ପସନ୍ଦ ଶୈଳୀରୁ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଜାଣିପାରିବେ। ତେବେ ଜାଣନ୍ତୁ ଝିଅଙ୍କ ଖାଦ୍ୟରୁଚି ଶୈଳୀରୁ ସେମାନଙ୍କ ଲଭ୍ ଲାଇଫ୍ ସମ୍ପର୍କିତ କିଛି ରହସ୍ୟପୂର୍ଣ୍ଣ କଥା।

**ଚକୋଲେଟ୍:** ସାଧାରଣତଃ ଝିଅମାନଙ୍କୁ ଚକୋଲେଟ୍ ପସନ୍ଦ ହୋଇଥାଏ। ତେବେ ଅଧିକ ଚକୋଲେଟ୍ ଖାଉଥିବା ଝିଅ ନରମ ସ୍ୱଭାବର ହୋଇଥାନ୍ତି। ସେମାନେ ମୁହାଁମୁହିଁ ସିଧା କଥା କହିଥାନ୍ତି।

**ଆଇସ୍‌କ୍ରିମ୍:** ଝିଅମାନଙ୍କୁ ଆଇସ୍‌କ୍ରିମ ଖାଇବା ବେଶି ପସନ୍ଦ ହୋଇଥାଏ । ତେବେ ଅଧିକାଂଶ ଝିଅଙ୍କୁ ଷ୍ଟ୍ରବେରୀ ଓ ଚକୋଲେଟ ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ। ସେମାନେ ସ୍ୱଭାବରେ ରୋମାଣ୍ଟିକ୍ ହେବା ସହ ଚଗଲୀ ଥାଆନ୍ତି।

ଆହୁରି ପଢନ୍ତୁ

**ମିଠା:** ମିଠା ପସନ୍ଦ କରୁଥିବା ଝିଅ ରାଗୀ ସ୍ୱଭାବର ହୋଇଥାନ୍ତି। ସେମାନେ ତାଙ୍କ ପାର୍ଟନରଙ୍କୁ ତାଙ୍କଠାରୁ ଅଲଗା ହେବାକୁ ଦିଅନ୍ତି ନାହିଁ।

**କଫି:** କଫି ପସନ୍ଦ କରୁଥିବା ଝିଅ ମଧ ରୋମାଣ୍ଟିକ ହୋଇଥାନ୍ତି। ଆତ୍ମନିର୍ଭରଶୀଳ ଓ କର୍ତ୍ତବ୍ୟନିଷ୍ଠା ଏମାନଙ୍କ ସ୍ୱଭାବରେ ସମ୍ପୂର୍ଣ୍ଣ ବାରି ହୋଇପଡେ। ଏମାନେ ପାର୍ଟନରଙ୍କ ବିଶ୍ୱାସୀ ହୋଇଥାନ୍ତି।

# ଥାଇରଏଡ ରୋଗୀ କେଉଁ ଖାଦ୍ୟ ଖାଇବେ ?

**ବର୍ତ୍ତମାନ ସମୟରେ ପ୍ରତ୍ୟେକ ବୟସ ବର୍ଗର ବ୍ୟକ୍ତି ଥାଇରଏଡର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ରୋଗ ୫୦ ବର୍ଷ ବୟସ ପରେ ହେଉ ଥିବାବେଳେ ବର୍ତ୍ତମାନ ୩୦ରୁ ୩୫ ବର୍ଷ ବୟସରେ ଲୋକଙ୍କୁ ଗ୍ରାସ କରୁଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଥାଇରଏଡର ଶିକାର ହେବାର ଆଶଙ୍କା ୧୦ ଗୁଣ ଅଧିକ। ବିଶେଷକରି ଗର୍ଭାବସ୍ଥା ଏବଂ ମେନୋପୋଜ ସମୟରେ ଏହି ବିପଦ ବଢିଥାଏ। ଥାଇରଏଡ ଗ୍ରନ୍ଥିର ମୁଖ୍ୟ କାର୍ଯ୍ୟ ହେଉଛି ମେଟାବୋଲିଜିମ୍ ନିୟନ୍ତ୍ରଣ କରିବା। କେବଳ ଏହା ମାଧ୍ୟମରେ ଶରୀର ଶକ୍ତି ପାଇଥାଏ। ଥାଇରଏଡ୍ ବଢିଗଲେ ଓଜନ ବୃଦ୍ଧିପାଏ ଏବଂ ହରମୋନ୍ ଅସନ୍ତୁଳିତ ହୋଇଯାଏ। ତେଣୁ ଥାଇରଏଡକୁ ନିୟନ୍ତ୍ରଣ କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ଥାଇରଏଡ ନିୟନ୍ତ୍ରଣରେ ରହିବ, ଜାଣନ୍ତୁ...**

*ନଡ଼ିଆ:* ଜଳଖିଆରେ ଚିପ୍ସ ଏବଂ ବିସ୍କୁଟ ପରି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ପରିବର୍ତ୍ତେ ସୁସ୍ଥ ଓ ପ୍ରାକୃତିକ ଖାଦ୍ୟ ଆପଣାନ୍ତୁ। ଏଥିରେ ପଇଡ ପାଣି ସର୍ବୋତ୍ତମ।କାରଣ ଏହା ମେଟାବୋଲିଜିମରେ ଉନ୍ନତି ଆଣି ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ।



*ଅଁଳା:* ଅଁଳା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ ସି ଭରପୂର ପରିମାଣରେ ଥାଏ। ଅଁଳାରୁ ମିଳୁଥିବା ଉପାଦାନ ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହାକୁ ଦୈନନ୍ଦିନ ଖାଦ୍ୟରେ ଯୋଗ କରିବା ଫଳରେ ଥାଇରଏଡରେ ପୀଡିତ ଲୋକଙ୍କ ପାଇଁ ଲାଭଦାୟକ ହୋଇପାରେ।







*ସଜନା:* ସଜନାରେ ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ସି ଏବଂ ଭିଟାମିନ୍ ଏ ଥାଏ, ଯାହା ଥାଇରଏଡ୍ ହରମନକୁ ସନ୍ତୁଳନ କରିବାରେ ସାହାଯ୍ୟ କରିଥାଏ।

*କଖାରୁ ମଞ୍ଜି:* କଖାରୁ ମଞ୍ଜିରେ ଅଧିକ ପରିମାଣରେ ଜିଙ୍କ ରହିଥାଏ। ଜିଙ୍କ ଶରୀରରେ ଥାଇରଏଡ୍ ହରମନର ସନ୍ତୁଳନ ବଜାୟ ରଖେ।

*ଜୀବନରେ ଅଭୁଲା ମୁହୂର୍ତ୍ତ ଗୁଡ଼ିକ ସାଇତି ରଖିବା ଲାଗି ସାଧାରଣତଃ ସମସ୍ତେ ଓହାର ଫଟୋ ଉଠାଇ ରଖିଥାନ୍ତି। ତେବେ ଦିନଥିଲା ଓଥିପାଇଁ ଫଟୋଗ୍ରାଫର କିମ୍ବା ଅନ୍ୟର ସାହାଯ୍ୟ ନେବାକୁ ପଡୁଥିଲା। ହେଲେ ଆଜିର ଅତ୍ୟାଧୁନିକ ଯୁଗରେ ସ୍ମାର୍ଟଫୋନ ଗୁଡ଼ିକରେ ଥିବା ଫ୍ରଣ୍ଟ କ୍ୟାମେରା ଓହାକୁ କରିଛି ଆହୁରି ସହଜ ଏବଂ ସରଳ। ଯେଉଁଥିଲାଗି ବର୍ତ୍ତମାନ ଅଧିକାଂଶଙ୍କ ଠାରେ ବିଶେଷକରି ଯୁବପିଢ଼ିଙ୍କ ଠାରେ ବଢ଼ିବାରେ ଲାଗିଛି ସେଲ୍‌ଫି କ୍ରେଜ୍...*

# କିପରି କରିବେ ହେୟାର ଡ୍ରାଏ



ସାମ୍ପୁ କଲାପରେ କେଶ କିପରି ଜଲଦି ଶୁଖିବ ସେଥିପାଇଁ ଆପଣ ବ୍ୟସ୍ତ। କେଶର ତେଲିଆପଣ ବି ଦୂରେଇବାକୁ ଇଚ୍ଛା। ଏଭଳି ସମସ୍ୟାର ସମାଧାନ ପାଇଁ ଅନେକ ମହିଳା ହେୟାର ଡ୍ରାୟାରର ସାହାଯ୍ୟ ନିଅନ୍ତି। କିନ୍ତୁ ଡ୍ରାଏ କରିବାର କିଛି ନିୟମ ଅଛି। ସେହି ନିୟମ ନ ମାନିଲେ କେଶର ଅନେକ କ୍ଷତିହୋଇଥାଏ।

- ଭଲ କମ୍ପାନୀରେ ହେୟାର ଡ୍ରାୟର ବ୍ୟବହାର କରିବା ସବୁଠୁ ଜରୁରୀ। କ୍ରୟର ଯେମିତି ୧୮୦୦ ୱାଟରୁ ଅଧିକ ହୋଇଥିବ।

ଅତିରିକ୍ତ ବ୍ଲୋ-ଡ୍ରାଏ କଲେ କେଶର କ୍ଷତି ହେବାର ଆଙ୍କା ବଢ଼ିଯାଏ। ତେଣୁ ଡ୍ରାଏ କରିବା ପୂର୍ବରୁ ଜଣେ ଉପରେ ଏକ ଲେୟାର ତିଆରି କରିପାରିଲେ ଭଲ।

ଯେଉଁମାନେ ନିୟମିତ ବ୍ଲୋଡ୍ରାଏ କରନ୍ତି ସେମାନଙ୍କ କେଶ ପାଇଁ କଣ୍ଡିସନିଂର ଆବଶ୍ୟକତା ଅଧିକ।

- ବ୍ଲୋବାଏ କରିବା ପୂର୍ବରୁ ଭଲ ବ୍ରାଣ୍ଡର ହେୟାର ମାସ୍କ ବ୍ୟବହାର କଲେ ଭଲ। ବ୍ଲୋ ବାଏ କରିବା ପରଦିନ ମଧ ମାସ୍କ ଲଗାଇଲେ କେଶର କ୍ଷତି ଅନେକାଂଶରେ ପୂରଣ ହୋଇଯିବ।

- ତେବେ ବି କେଶରେ ଅତ୍ୟଧିକ ଗରମ ହାୱା ବାଜିବାକୁ ଦେବେନି। ହଟ ଡ୍ରାୟର କରିବା ପରେ କେଶରେ ଆଉଥରେ କୋଲ୍ଡ ଡ୍ରାୟର ମଧ ଦେବେ।

ଓଦା କେଶକୁ ତଉଲିଆରେ ଭଲକରି ପୋଛିବା ପରେ ବ୍ଲୋଡ୍ରାଏ କରିବେ। କେଶରୁ ଟପ୍ ଟପ୍ ପାଣି ପଡୁଥିବା ଅବସ୍ଥାରେ ଡ୍ରାୟର ଚଳାଇବେ ନାହିଁ।

- ବ୍ଲୋ-ଡ୍ରାଏ କଲାବେଳେ କେଶଠାରୁ ନିର୍ଦ୍ଦିଷ୍ଟ ଦୂରରେ ହେୟାର ଡ୍ରାୟର କରିବା ଉଚିତ। କେଶରେ ଅତି ପାଖକୁ ବ୍ଲୋଡ୍ରାଏ କରିବା ଦ୍ୱାରା କେଶ ମୂଳର ପ୍ରାକୃତିକ ତେଲ ନଷ୍ଟ ହୋଇ କେଶ ରୁକ୍ଷ ଓ ଶୁଷ୍କ ହୋଇଥାଏ।



# ଯୁଦ୍ଧ ସମୟରେ ଟିଆରପି ଉପରେ କଟକଣା: ପରୋକ୍ଷ ସେନ୍ସରସିପ୍ ନା ସମୟର ଆବଶ୍ୟକତା ?

ସାମ୍ପ୍ରତିକ ପଶ୍ଚିମ ଏସିଆ ସଙ୍କଟ ଏବଂ ଭୌଗୋଳିକ-ରାଜନୈତିକ ଉତ୍ତେଜନା ମଧ୍ୟରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ (ଏମଆଇବି) ଏକ ଗୁରୁତ୍ୱପୂର୍ଣ୍ଣ ତଥା ବିତର୍କିତ ପଦକ୍ଷେପ ଗ୍ରହଣ କରିଛି । ଏପ୍ରିଲ ୨୦୨୬ରେ ଜାରି କରାଯାଇଥିବା ଏକ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ବ୍ରଡକାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନସିଲ୍ (ବାର୍କ)କୁ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟେଲିଭିଜନ ରେଟିଂ ପଏଣ୍ଟ (ଟିଆରପି) ତଥ୍ୟ ପ୍ରକାଶ ନକରିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ଆହୁରି ଚାରି ସପ୍ତାହ ପାଇଁ ବୃଦ୍ଧି କରାଯାଇଛି । ଏହା ପୂର୍ବରୁ ମାର୍ଚ୍ଚ ୬, ୨୦୨୬ ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମେ ଏହି ଟିଆରପି ସ୍ଥଗିତାଦେଶ ଜାରି କରାଯାଇଥିଲା ଏବଂ ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ଲାଗି ରହିଥିବାରୁ ଏହି କଟକଣାକୁ ବଳବତ୍ତର ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଭାରତରେ ଟେଲିଭିଜନ ଦର୍ଶକଙ୍କ ସଂଖ୍ୟା ମାପିବା ପାଇଁ ୨୦୧୦ ମସିହାରେ ଗଠିତ ବାର୍କ ହେଉଛି ଏକମାତ୍ର ସ୍ୱୀକୃତିପ୍ରାପ୍ତ ସଂସ୍ଥା, ଯାହାର ତଥ୍ୟ ଉପରେ କୋଟି କୋଟି ଟଙ୍କାର ବିଜ୍ଞାପନ ବଜାର ନିର୍ଭର କରେ । ଏଭଳି ଏକ ସମୟରେ ରେଟିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେବା କେବଳ ଗଣମାଧ୍ୟମର ବ୍ୟବସାୟିକ ଦିଗକୁ ପ୍ରଭାବିତ କରିନାହିଁ, ବରଂ ଏକ ସୁସ୍ଥ ଗଣତନ୍ତ୍ରରେ ସାମ୍ବାଦିକତାର ସୀମାରେଖା ଏବଂ ସରକାରୀ ହସ୍ତକ୍ଷେପକୁ ନେଇ ଅନେକ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି । ତେଣୁ ଏହି ସମ୍ପୂର୍ଣ୍ଣ ଘଟଣାକ୍ରମର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ନିତାନ୍ତ ଆବଶ୍ୟକ।

ସରକାରଙ୍କ ଏହି ପଦକ୍ଷେପ ପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ ଏବଂ ପ୍ରେରଣା ହେଉଛି ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସମୟରେ ଗଣମାଧ୍ୟମ ଦ୍ୱାରା ହେଉଥିବା ଅତିରଞ୍ଜିତ, ଉତ୍ତେଜନାମୂଳକ ଏବଂ ଅନୁମାନଭିତ୍ତିକ ଖବର ପ୍ରସାରଣ ଉପରେ ଲଗାମ ଲଗାଇବା । ଯୁଦ୍ଧ ଭଳି ଏକ ସମ୍ବେଦନଶୀଳ ସମୟରେ ଟେଲିଭିଜନ ପରଦାରେ ବିନା ତଥ୍ୟରେ ଆତଙ୍କ ସୃଷ୍ଟି କରୁଥିବା ଖବର ପ୍ରସାରଣ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ଅଯଥା ଭୟ ଖେଳିଯିବାର ଆଶଙ୍କା ରହିଛି ବୋଲି ସରକାର ଦର୍ଶାଇଛନ୍ତି । ଏହାର ଏକ ବଡ଼ କାରଣ ହେଉଛି ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟ ସହିତ ଭାରତର ନିବିଡ଼ ଜନସାଂଖ୍ୟିକ ଏବଂ ଅର୍ଥନୈତିକ ସମ୍ପର୍କ । ବିଭିନ୍ନ ଆନ୍ତର୍ଜାତୀୟ ସଂସ୍ଥାର ତଥ୍ୟ ଅନୁଯାୟୀ, କେବଳ ଗଲ୍ଫ କୋଅପରେସନ୍ କାଉନସିଲ୍ (ଜିସିସି) ଦେଶଗୁଡ଼ିକରେ ପ୍ରାୟ ୯ ନିୟୁତରୁ ଅଧିକ ଭାରତୀୟ ବସବାସ କରୁଛନ୍ତି। ଇସ୍ରାଏଲ୍, ଇରାନ ଏବଂ ଲେବାନନ ଭଳି ଦେଶରେ ମଧ୍ୟ ଲକ୍ଷାଧିକ ଭାରତୀୟ ନାଗରିକ ଏବଂ ଛାତ୍ରଛାତ୍ରୀ ଅଛନ୍ତି । ବିଶ୍ୱବ୍ୟାଙ୍କ ଏବଂ ରିଜର୍ଭ ବ୍ୟାଙ୍କର ତଥ୍ୟ ମୁତାବକ, ଭାରତକୁ ପ୍ରତିବର୍ଷ ଆସୁଥିବା ବିପୁଳ ରେମିଟାନ୍ସ (ପ୍ରାୟ ୧୨୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ) ର ଏକ ବଡ଼ ଅଂଶ ଏହି ଅଞ୍ଚଳରୁ ଆସିଥାଏ । ଯେତେବେଳେ ସେହି ଦେଶଗୁଡ଼ିକରେ କ୍ଷେପଣାସ୍ତ୍ର ମାଡ଼ କିମ୍ବା ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୁଏ, ସେତେବେଳେ ଭାରତରେ ରହୁଥିବା ସେମାନଙ୍କ ପରିବାର ଲୋକେ ଗଭୀର ଉଦ୍‌ବେଗରେ ରହିବା ସ୍ୱାଭାବିକ। ଏଭଳି ସ୍ଥିତିରେ ଯଦି ଭାରତୀୟ ଟେଲିଭିଜନ ଚ୍ୟାନେଲଗୁଡ଼ିକ କେବଳ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଭୟଙ୍କର ଶିରୋନାମା ଏବଂ କୃତ୍ରିମ ଯୁଦ୍ଧକ୍ଷେତ୍ରର ଗ୍ରାଫିକ୍ସ ଦେଖାଇ ଖବର ପ୍ରସାରଣ କରନ୍ତି, ତେବେ ତାହା ଦେଶ ଭିତରେ ଏକ ଅସ୍ୱାଭାବିକ ଆତଙ୍କ ଖେଳାଇଦିଏ । ଏହି ଭୟାବହ ମାନସିକ ଚାପରୁ ନାଗରିକମାନଙ୍କୁ ରକ୍ଷା କରିବା ହିଁ ମୂଳ ଆଦେଶର ପ୍ରଧାନ ଲକ୍ଷ୍ୟ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

ଏହି ଆଦେଶର ତାତ୍ପର୍ଯ୍ୟ ଏବଂ ପ୍ରଭାବ କେବଳ ସାମ୍ବାଦିକତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଭାରତୀୟ ଗଣମାଧ୍ୟମର ବ୍ୟବସାୟିକ ମଡେଲ୍ ଉପରେ ଏକ ବଡ଼ ଆଘାତ । ଟେଲିଭିଜନ ରେଟିଂ ପଏଣ୍ଟ ବା ଟିଆରପି ହେଉଛି ଏକମାତ୍ର ମାପକାଠି ଯାହା ଆଧାରରେ ଚ୍ୟାନେଲଗୁଡ଼ିକୁ ବିଜ୍ଞାପନ ମିଳିଥାଏ । ଏହି ତଥ୍ୟର ପ୍ରକାଶନ ବନ୍ଦ ହେବା ଅର୍ଥ ହେଉଛି ବିଜ୍ଞାପନଦାତାମାନଙ୍କ ପାଖରେ ଏବେ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ ଯାହାଦ୍ୱାରା ସେମାନେ ଜାଣିପାରିବେ କେଉଁ ଚ୍ୟାନେଲକୁ କେତେ ଲୋକ ଦେଖୁଛନ୍ତି । ଏହା ଫଳରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ବ୍ୟବସାୟିକ ସ୍ଥିତି ଅନିଶ୍ଚିତତାର ସମ୍ମୁଖୀନ ହୋଇଛି । ତେବେ ସରକାରଙ୍କ ଆଶା ଯେ, ଯେତେବେଳେ ନିଜକୁ ଏକ ନମ୍ବର ପ୍ରମାଣିତ କରିବାର ପ୍ରତିଯୋଗିତା ରହିବ ନାହିଁ, ସେତେବେଳେ ଚ୍ୟାନେଲଗୁଡ଼ିକ ଆପଣାଛାଏଁ ନାଟକୀୟତା ପରିବର୍ତ୍ତେ ବିଶେଷଜ୍ଞଙ୍କ ମତାମତ ଏବଂ ବାସ୍ତବ ଗ୍ରାଉଣ୍ଡ ରିପୋର୍ଟିଂ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବେ । ଟିଆରପିର ନିଲମ୍ବନ ଦ୍ୱାରା ସରକାର ଏହି ବାଣିଜ୍ୟିକ ଚାପକୁ ସାମୟିକ ଭାବେ ହଟାଇ ଦେଇ ଏକ ସୁସ୍ଥ ଖବର ପରିବେଷଣର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି ।

ଏଠାରେ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ, ଭାରତ ସରକାର କାହିଁକି ଭାବୁଛନ୍ତି ଯେ ଭାରତୀୟ ଟିଭି ଗଣମାଧ୍ୟମ କେବଳ ଟିଆରପି ହାସଲ କରିବା ପାଇଁ ପଶ୍ଚିମ ଏସିଆ ସଙ୍କଟ ସମୟରେ ଖବରକୁ ଅତିରଞ୍ଜିତ କରିପାରେ ? ଏହାର ଉତ୍ତର ଭାରତୀୟ ଟେଲିଭିଜନ ନ୍ୟୁଜ୍ ଇଣ୍ଡଷ୍ଟ୍ରିର ଅତୀତର ଆଚରଣରେ ଲୁଚି ରହିଛି । ଗତ କିଛି ବର୍ଷ ଧରି ଏହା ଦେଖାଯାଇଛି ଯେ କୌଣସି ଆନ୍ତର୍ଜାତୀୟ କିମ୍ବା ଜାତୀୟ ସଙ୍କଟ ସମୟରେ କିଛି ଚ୍ୟାନେଲ ସମ୍ବେଦନଶୀଳତା ହରାଇ ବସନ୍ତି । ଉଦାହରଣସ୍ୱରୂପ, ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ କିମ୍ବା ନିକଟ ଅତୀତରେ 'ଅପରେସନ୍ ସିନ୍ଦୂର' ସମୟରେ ଭାରତୀୟ ଗଣମାଧ୍ୟମର ଏକ ବଡ଼ ଅଂଶ ନିଜକୁ ପ୍ରତିରକ୍ଷା ବିଶେଷଜ୍ଞ ଭାବରେ ଉପସ୍ଥାପନ କରି ଅସତ୍ୟ କିମ୍ବା ପୁରୁଣା ଭିଡିଓଗୁଡ଼ିକୁ ସିଧାସଳଖ ପ୍ରସାରଣ କରିବାର ଦୃଷ୍ଟାନ୍ତ ରହିଛି। ପଶ୍ଚିମ ଏସିଆ ସଙ୍କଟରେ ଧର୍ମୀୟ ଦୃଷ୍ଟିକୋଣ, ବିଶ୍ୱ ମହାଶକ୍ତିମାନଙ୍କର ସମ୍ପୃକ୍ତି ଏବଂ ତୈଳ ରାଜନୀତି ଭଳି ଅନେକଗୁଡ଼ିଏ ଉପାଦାନ ରହିଛି ଯାହାକୁ ସହଜରେ ଟେଲିଭିଜନ ନାଟକରେ ପରିଣତ କରାଯାଇପାରିବ । ଏହାଛଡ଼ା ୨୦୨୦ ମସିହାରେ ଟିଆରପି ଜାଲିଆତି ମାମଲା ସାମ୍ନାକୁ ଆସିବା ପରେ ମଧ୍ୟ ସରକାରଙ୍କୁ ସାମୟିକ ଭାବେ ରେଟିଂ ବନ୍ଦ କରିବାକୁ ପଡ଼ିଥିଲା, ଯାହାର ତଦନ୍ତ ମୁମ୍ବାଇ ପୋଲିସ କରିଥିଲା । ଏହି ଘଟଣା ପ୍ରମାଣିତ କରିଥିଲା ଯେ ଟିଆରପିର ଲୋଭ ଗଣମାଧ୍ୟମର ନୈତିକତାକୁ କେତେ ତଳକୁ ଖସାଇ ଦେଇପାରେ । ତେଣୁ ସରକାରଙ୍କ ଏହି ଚିନ୍ତାଧାରା ପଛରେ ଏକ ଦୃଢ଼ ଯୁକ୍ତି ରହିଛି ଯେ, ବର୍ତ୍ତମାନର ସଙ୍କଟ ସମୟରେ ଟିଆରପି ପ୍ରତିଯୋଗିତା ଖୋଲା ରହିଲେ ଚ୍ୟାନେଲଗୁଡ଼ିକ ପୁଣିଥରେ ସେହି ପୁରୁଣା ଭୁଲର ପୁନରାବୃତ୍ତି କରିବେ।

ତେବେ ସରକାରଙ୍କ ଏହି ଚିନ୍ତାଧାରା ଏବଂ ହସ୍ତକ୍ଷେପ କେତେ ଦୂର ଯଥାର୍ଥ, ତାହାକୁ ନେଇ ଏକ ସନ୍ତୁଳିତ ବିତର୍କର ଆବଶ୍ୟକତା ରହିଛି। ଗୋଟିଏ ପଟେ ଦେଖିଲେ ସରକାରଙ୍କ ଯୁକ୍ତି ସମ୍ପୂର୍ଣ୍ଣ ଭାବେ ଗ୍ରହଣଯୋଗ୍ୟ ମନେହୁଏ । ପଶ୍ଚିମ ଏସିଆ ସଙ୍କଟ କେବଳ ଏକ ବିଦେଶୀ ଘଟଣା ନୁହେଁ, ବରଂ ଏହା ଭାରତର ଅର୍ଥନୀତି ଏବଂ ଶକ୍ତି ସୁରକ୍ଷା ସହିତ ସିଧାସଳଖ ଜଡ଼ିତ, କାରଣ ଭାରତ ତାର ତୈଳ ଆବଶ୍ୟକତାର ପ୍ରାୟ ୮୦-୮୫ ପ୍ରତିଶତ ଆମଦାନୀ କରେ ଯାହାର ମୁଖ୍ୟ ଉତ୍ସ ହେଉଛି ମଧ୍ୟପ୍ରାଚ୍ୟ । ଏଭଳି ଏକ ସ୍ପର୍ଶକାତର ସମୟରେ ମାନବୀୟ ସଙ୍କଟ ଏବଂ ରାଷ୍ଟ୍ରୀୟ ସ୍ୱାର୍ଥ ସର୍ବଦା ବ୍ୟବସାୟିକ ଲାଭଠାରୁ ଊର୍ଦ୍ଧ୍ୱରେ ରହିବା ଉଚିତ୍ । କିନ୍ତୁ ମୁଦ୍ରାର ଅନ୍ୟ ପାର୍ଶ୍ୱକୁ ଦେଖିଲେ, ଏହି ନିଷ୍ପତ୍ତିକୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବାଦିକତାର ସ୍ୱାଧୀନତା ଦୃଷ୍ଟିରୁ ସମାଲୋଚନା ମଧ୍ୟ କରାଯାଇପାରେ। ଭାରତୀୟ ସମ୍ବିଧାନର ଧାରା ୧୯ ଅନୁଯାୟୀ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ରହିଛି, ଯାହା ଗଣମାଧ୍ୟମକୁ ସୁରକ୍ଷା ପ୍ରଦାନ କରେ । ସରକାରଙ୍କ ଦ୍ୱାରା ରେଟିଂ ବ୍ୟବସ୍ଥା ଉପରେ ଏଭଳି ପ୍ରତ୍ୟକ୍ଷ ହସ୍ତକ୍ଷେପକୁ ଅନେକେ ପରୋକ୍ଷ ସେନ୍ସରସିପ୍ ବୋଲି ଅଭିହିତ କରନ୍ତି । ଗଣମାଧ୍ୟମର ଦାୟିତ୍ୱହୀନତାକୁ ରୋକିବା ପାଇଁ 'ନ୍ୟୁଜ୍ ବ୍ରଡକାଷ୍ଟିଂ ଆଣ୍ଡ ଡିଜିଟାଲ୍ ଷ୍ଟାଣ୍ଡାର୍ଡସ୍ ଅଥରିଟି' (NBDSA) ଭଳି ସ୍ୱ-ନିୟନ୍ତ୍ରଣକାରୀ ସଂସ୍ଥା ରହିଛନ୍ତି । ସରକାର ସିଧାସଳଖ ଏକ ବ୍ୟବସାୟିକ ମାପକାଠିକୁ ବନ୍ଦ କରିଦେବା ଦ୍ୱାରା ଖବର ପ୍ରସାରଣର ଗୁଣବତ୍ତା ସୁଧୁରିଯିବ, ଏହାର କୌଣସି ନିଶ୍ଚିତତା ନାହିଁ । ବରଂ ଏହା ଏକ ଭୁଲ୍ ନଜିର ସୃଷ୍ଟି କରିପାରେ, ଯେଉଁଠି ଭବିଷ୍ୟତରେ ଯେକୌଣସି ଜାତୀୟ ବା ଆନ୍ତର୍ଜାତୀୟ ସଙ୍କଟ ଆଳରେ ସରକାର ଗଣମାଧ୍ୟମର ବ୍ୟବସାୟିକ ମଡେଲକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିବେ। ଏହାଛଡ଼ା, ଏକ ସୁସ୍ଥ ପ୍ରତିଯୋଗିତାକୁ ବନ୍ଦ କରିଦେବା ଦ୍ୱାରା ଭଲ ଏବଂ ତଥ୍ୟଭିତ୍ତିକ ଖବର ପରିବେଷଣ କରୁଥିବା ଚ୍ୟାନେଲଗୁଡ଼ିକ ମଧ୍ୟ ଆର୍ଥିକ ସ୍ତରରେ କ୍ଷତି ସହିବେ, ଯାହା ସାମଗ୍ରିକ ଭାବେ ଗଣମାଧ୍ୟମ ଶିଳ୍ପ ପାଇଁ ଶୁଭଙ୍କର ନୁହେଁ ।

ପରିଶେଷରେ, ଏହି ସମ୍ପୂର୍ଣ୍ଣ ବିବାଦ ଏକ ବୃହତ୍ତର ଆତ୍ମସମୀକ୍ଷାର ଆବଶ୍ୟକତାକୁ ଦର୍ଶାଉଛି । ସରକାରଙ୍କ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି କୁହାଯାଇପାରିବ ନାହିଁ, କାରଣ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ନିଜର ବିଶ୍ୱସନୀୟତାକୁ ଅନେକାଂଶରେ କ୍ଷୁର୍ଣ୍ଣ କରିସାରିଛନ୍ତି । କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ସରକାରୀ ନିୟନ୍ତ୍ରଣ ଗଣତନ୍ତ୍ର ପାଇଁ ବିପଦଜନକ। ଆଗାମୀ ଦିନରେ ଏହିଭଳି ପରିସ୍ଥିତିକୁ ଏଡ଼ାଇବାକୁ ହେଲେ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବୁଝିବାକୁ ହେବ ଯେ ସାମ୍ବାଦିକତା କେବଳ ଏକ ବ୍ୟବସାୟ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ । ଲୋକପ୍ରିୟତା ଏବଂ ବିଶ୍ୱସନୀୟତା ମଧ୍ୟରେ ଥିବା ପାର୍ଥକ୍ୟକୁ ହୃଦୟଙ୍ଗମ କରିବା ନିତାନ୍ତ ଜରୁରୀ । ବର୍ତ୍ତମାନର ଏହି ଟିଆରପି ନିଲମ୍ବନକୁ ଏକ ସାମୟିକ ପ୍ରତିବନ୍ଧକ ଭାବରେ ନ ଦେଖି, ଏହାକୁ ସାମ୍ବାଦିକତାର ମୂଳ ଲକ୍ଷ୍ୟ—ସଠିକ୍ ତଥ୍ୟ ପ୍ରଦାନ ଏବଂ ନିରପେକ୍ଷତା—ଆଡ଼କୁ ଫେରିଯିବାର ଏକ ସୁଯୋଗ ଭାବରେ ଗ୍ରହଣ କରାଯିବା ଉଚିତ୍ । ତାହା ହେଲେ ଯାଇ ଉଭୟ ଦେଶର ସୁରକ୍ଷା ଏବଂ ଗଣମାଧ୍ୟମର ସ୍ୱାଧୀନତା ମଧ୍ୟରେ ଏକ ସଠିକ୍ ସନ୍ତୁଳନ ରକ୍ଷା କରାଯାଇପାରିବ।

ଧ୍ୱନି ପ୍ରତିଧ୍ୱନି

# ଦୈନିକ ଦେଣନେଣ କାରବାରରେ ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସ



## ଡ଼କ୍ଟର ତପନ କୁମାର ପାଲ

ଇସଲାମବାଦରେ ଆମେରିକା-ଇରାନ ଭିତରେ ଯୁଦ୍ଧ ପ୍ରଶମିତ ନିମିତ୍ତ ବୈଠକ ଚାଲିଛି। ଆପଣ ହୁଏତ ପଚାରି ପାରନ୍ତି ଯେ ଏ ଖବର ସହିତ ମୋ ଶୀର୍ଷକର ସମ୍ପର୍କ କ'ଣ ରହିଛି ? ବାସ୍ତବ କଥା ହେଉଛି କେବଳ ଭାରତୀୟ ବଜାରରେ ନୁହେଁ ବିଶ୍ୱ ଅର୍ଥନୀତି, ପ୍ରତିପତ୍ତି ଓ ଆର୍ଥିକ ଆଧିପତ୍ୟରେ ସୁନାର ସ୍ଥାନ କାଳେ କାଳେ ସ୍ୱତନ୍ତ୍ର ଓ ଅନନ୍ୟ ହୋଇ ରହିଛି। ସମଗ୍ର ବିଶ୍ୱ ବଜାରରେ ପ୍ରତି ବର୍ଷ ଭାରତ କ୍ୱିଣ୍ଟାଲ କ୍ୱିଣ୍ଟାଲ ସୁନା ବାହାରରୁ ଆମଦାନୀ କରିଥାଏ। ତେବେ ବିଶ୍ୱର ଯେ କୌଣସି ବଡ଼ ଶକ୍ତି ସହିତ ଅନ୍ୟ ଦେଶର ଯୁଦ୍ଧ ଆରମ୍ଭ ହୋଇଗଲେ ସୁନାର ବଜାର ମୂଲ୍ୟ ଉଚ୍ଚା ନୀଚା ହୋଇଥାଏ। ତେବେ ଭାରତରେ ସୁନା କେବଳ ଗହଣା ଭାବେ ସମସ୍ତଙ୍କର ଆଦରଣୀୟ ହୋଇନଥାଏ। ସବୁଠାରୁ ବଡ଼କଥା ହେଉଛି ଅସୁବିଧା, ଆବଶ୍ୟକତା ସମୟରେ ସୁନା ହେଉଛି ଘରର ସବୁଠାରୁ ନିର୍ଭରଯୋଗ୍ୟ ସହାୟକ ଓ ମଜଭୁତ ଆର୍ଥିକ ସମ୍ପତ୍ତି। ଏହି କାରଣ ପାଇଁ ଅନେକ ଭାରତୀୟ ପରିବାର ସୁନାରେ ନିବେଶ ବା ଇନଭେଷ୍ଟ କରିଥାନ୍ତି। ସୁନା ଏକ ପ୍ରକାରର ପ୍ରମୁଖ ସହାୟକ ସଞ୍ଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ବା ଗୋଟିଏ ପରିବାରର କୌଣସି ଆବଶ୍ୟକତା ବା ଦୁଃସ୍ଥିତି ପଡ଼ିଲେ ସୁନା ବ୍ୟାଙ୍କରେ ବନ୍ଧକ ରଖି ହେଉ ବା ହାତ ଉଧାରି ସୁଧ ଲଗାଉଥିବା ଲୋକମାନଙ୍କ ପାଖରେ ସୁନା ରଖି ନିରାପଦରେ କିଛି ଟଙ୍କା ଅଣାଯାଇଥାଏ। ତେବେ ମୋର ଆଜିର ଛୋଟିଆ ଆଲୋଚନାଟି ହେଉଛି ଜଣେ ଗୋଲଡ ଓଭର ଡ୍ରାଫ୍ଟ ମାଧ୍ୟମରେ କିପରି ବ୍ୟାଙ୍କରୁ ପଇସା ଉଠାଇ ପାରିବ ଏବଂ ଏହାର ନିରାପଦ ଦେଣ ନେଣ ବ୍ୟବସ୍ଥାଟି କ'ଣ ?

ଯୁଗେ ଯୁଗେ ସୁନାର ମୂଲ୍ୟ ପ୍ରାୟତଃ ଚଢ଼ା ରହିଥାଏ। କେତେବେଳେ କେମିତି ବିଶ୍ୱ ଅର୍ଥନୀତି ଉଠପଡ଼କୁ ଦେଖି କିଛି ମୂଲ୍ୟ କମିଥାଏ କିନ୍ତୁ ସୁନାର ମୂଲ୍ୟ କ୍ରମାଗତ ଭାବେ ଯେ ବଢ଼ି ଚାଲିଛି ଏହା ଯେ କେହି ଅନୁଭବ କରିବା। ମୋର ଆଜିର ଆଲୋଚନାଟି ହେଉଛି ବ୍ୟାଙ୍କିଙ୍ଗ ସେବାରେ ଗୋଲଡ ଓଭର ଡ୍ରାଫ୍ଟ ସୁବିଧା ସମ୍ପର୍କରେ। କୌଣସି ବ୍ୟାଙ୍କ ହେଉ ବା ଅର୍ଥନୈତିକ ସଂସ୍ଥା ଜଣଙ୍କ ସୁନାକୁ ବନ୍ଧକରେ ରଖି ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଅନୁଯାୟୀ ଏକ ବିଧିବଦ୍ଧ ଭାବେ ଓଭର ଡ୍ରାଫ୍ଟ ଖାତା ଖୋଲି ଥାଆନ୍ତି। ଯେଉଁଥିରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମଞ୍ଜୁର ହୋଇଥାଏ। ତେବେ ଏଇଠି ଆଉ ଟିକିଏ ସ୍ପଷ୍ଟ କରିରଖୁଛି ଆପଣଙ୍କର ଅନୁମୋଦିତ ହୋଇଥିବା ବା ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ଏକାଥରକେ ନେବା ଜରୁରୀ ନୁହେଁ। ଏଠାରେ ମୁଁ ଏକ ଉଦାହରଣରେ ଏହି ଓଭର ଡ୍ରାଫ୍ଟ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ଆଉ ଟିକିଏ ସରଳ ଭାବରେ ବୁଝାଉଛି। ଧରନ୍ତୁ ଆପଣଙ୍କର ଯେତିକି ପରିମାଣର ସୁନା ବ୍ୟାଙ୍କକୁ ନେଇଛନ୍ତି ଆପଣଙ୍କୁ ବ୍ୟାଙ୍କ ମନେ କରନ୍ତୁ ପାଞ୍ଚଲକ୍ଷ ଟଙ୍କାର ଓଭର ଡ୍ରାଫ୍ଟର ଅନୁମତି ଦେଇଛି। ଯଦି ଆପଣ ସଂପୂର୍ଣ୍ଣ ଅର୍ଥରାଶି ବା ପାଞ୍ଚଲକ୍ଷ ଟଙ୍କା ଏକକାଳୀନ ନ ଉଠାଇବା ପାଇଁ ଚାହାଁନ୍ତି କେବଳ ସର୍ବନିମ୍ନ ଭାବେ ପଚାଶ ହଜାର ଟଙ୍କା ଉଠାଇବାକୁ ଚାହୁଁଥିବେ, ଏ କ୍ଷେତ୍ରରେ ଗୋଲଡ ଓଭର ଡ୍ରାଫ୍ଟର ସ୍ୱତନ୍ତ୍ର ବିଶେଷତ୍ୱ ଅନୁଯାୟୀ ଆପଣଙ୍କୁ କେବଳ ଉଠାଇ ଥିବା ପଚାଶ ହଜାର ଟଙ୍କା ଉପରେ ହିଁ ସୁଧ ପରିଶୋଧ କରିବାକୁ ପଡ଼ିବ। ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ସତରେ କ'ଣ ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଲାଭଜନକ ଓ ନିରାପଦ ? ଏହା ନିଶ୍ଚିନ୍ତ ଯେ ଆପଣ ଯେତେ ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଲେ କେବଳ ସେତିକ ଟଙ୍କା ଉପରେ ହିଁ ବ୍ୟାଙ୍କ ଆପଣଙ୍କ ଠାରୁ ସୁଧ ଗ୍ରହଣ କରିବ। ପରବର୍ତ୍ତୀ ସମୟରେ ଆପଣଙ୍କର ସୁବିଧା ଅସୁବିଧା ଦେଖି ନିୟମିତ ବ୍ୟବଧାନରେ ସମୟର ଆବଶ୍ୟକତାକୁ ପୂରଣ ପାଇଁ ବାରମ୍ବାର ଟଙ୍କା ଉଠାଇ ପାରିବେ। ସେହିପରି କୌଣସି ସୂତ୍ରରୁ ଅର୍ଥ ଆସୁଥିଲେ ତାର ପରିଚାଳନ ସହଜ ହୁଏ ଏବଂ ଜରୁରୀ ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଅର୍ଥ ବ୍ୟାଙ୍କ ଠାରୁ ମିଳିବାର ବଡ଼ ସୁଯୋଗ ପାଇଥାନ୍ତି।

ବ୍ୟାଙ୍କରେ ସୁନା ବନ୍ଧକ ରଖି ଟଙ୍କା ଆଣିବା ସମ୍ପର୍କରେ ଅନ୍ୟ ଏକ ବ୍ୟବସ୍ଥା ମଧ୍ୟ ରହିଛି। ଯାହାକୁ ପାରମ୍ପରିକ ଗୋଲଡ଼ ଲୋନ ବ୍ୟବସ୍ଥା କୁହାଯାଇଥାଏ। ତେବେ ସାଧାରଣ ସୁନା ଋଣରେ ଗୋଟିଏ ଥରରେ ସମସ୍ତ ଅର୍ଥରାଶି ମିଳିଯାଉଥିବାବେଳେ ଏବଂ ସେହି ସମୁଦାୟ ଅର୍ଥରାଶି ଉପରେ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ହୁଏତ ଆପଣ ସେ ଟଙ୍କାକୁ କାର୍ଯ୍ୟରେ ଲଗାଇ ପାରନ୍ତି ବା ନହେଲେ ଆପଣଙ୍କ ଆକାଉଣ୍ଟରେ ତାହା ପଡ଼ି ରହିଥାଏ। ଏହା ହେଉଛି ପାରମ୍ପରିକ ଗୋଲଡ଼ ଲୋନ। ତେବେ ଆମେ ଆଲୋଚନା କରୁଥିବା ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସରେ କିନ୍ତୁ ସୁବିଧା ସ୍ୱତନ୍ତ୍ର ଓ ଅଲଗା। ଗୋଲଡ଼ ଓଭର ଡ୍ରାଫ୍ଟ ସେବା ସବୁଠାରୁ ନିରାପଦ ଓ ଶ୍ରେଷ୍ଠ ବିକଳ୍ପ କୁହାଯାଏ ଏହି କ୍ଷେତ୍ରରେ ଯେ ଯେଉଁମାନେ ବାରମ୍ବାର କିଛି ଅର୍ଥରାଶି ଆବଶ୍ୟକ କରିଥାନ୍ତି ସେମାନଙ୍କ ପାଇଁ ଏହା ସୁବିଧା ଜନକ। ବଡ଼କଥା ହେଉଛି ଏହା ଏକ ଏପରି ବିଶ୍ୱାସଯୋଗ୍ୟ ଉପାୟ ଯାହା ଆପଣଙ୍କୁ ସୁନାର ଉଚିତ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥାଏ। ତେବେ ଏଇଠି ସୁନା ବନ୍ଧକ ରଖୁଥିବା ଗ୍ରାହକ ଜଣଙ୍କ ଏକ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି। ତାହା ହେଉଛି ଅନ୍ୟ ଋଣ ସୁବିଧା ଭଳି ଆପଣଙ୍କୁ ଏ କ୍ଷେତ୍ରରେ ଅନାବଶ୍ୟକ ସୁଧ ଦେବାକୁ ପଡ଼ି ନଥାଏ। ଗୋଲଡ଼ ଓଭରଡ୍ରାଫ୍ଟ ସେବା ଜଣଙ୍କ ପରିବାରର ସ୍ୱର୍ଣ୍ଣିମ ଅର୍ଥନୀତିର ଏମ ମଜଭୁତ୍ ଓ ନିରାପଦ ବ୍ୟବସ୍ଥା। ଆଜିକାଲି ଅନେକ ଘରୋଇ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନପାଇଥିବା ଆର୍ଥିକ ସଂସ୍ଥା ଗୁଡ଼ିକ ସୁନା ରଖି ବନ୍ଧକ ବାବଦ ଟଙ୍କା ଦେଉଛନ୍ତି। ଏ କ୍ଷେତ୍ରରେ ନିବେଶ କରିବା ପୂର୍ବରୁ ଆପଣ ଭଲ ଭାବେ ବୁଝି ନିଅନ୍ତୁ। କାରଣ ଏପରି ଅନେକ ଠକ ଓ ମିଛ ପ୍ରମାଣପତ୍ର ଲୋକଙ୍କୁ ଦେଖାଇ ସୁନା ବନ୍ଧକ ରଖି ପରବର୍ତ୍ତୀ ସମୟରେ ଚମ୍ପଟ ମାରିବାର ଅଭିଯୋଗ ମଧ୍ୟ ଅନେକ ରହିଛି। ଅନେକ ଲୋକ ସୋସିଆଲ ମିଡ଼ିଆରୁ ବୁଝି ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ କିଛି ତଥ୍ୟ ପାଉଥିଲେ ମଧ୍ୟ ସୁନା ପରି ଆପଣଙ୍କର ଜୀବନର ମୂଲ୍ୟବାନ ପରିଶ୍ରମର ଏତେବଡ଼ ସମ୍ପତ୍ତିକୁ କିଭଳି ସୁରକ୍ଷିତ ଭାବେ ରଖି ନିଜ ତତ୍କାଳ କର୍ମ ଚଳେଇବା ପାଇଁ ଅର୍ଥ ଉଠାଉଥିବାରୁ, ଏ କ୍ଷେତ୍ରରେ ଆଦୌ ତରବର ନହୋଇ ବା କାହାର କାନକୁହା କଥା ନଶୁଣି କେବଳ ବଡ଼ ବଡ଼ ସରକାରୀ ଅନୁବନ୍ଧିତ ବ୍ୟାଙ୍କରେ ସୁନା ରଖନ୍ତୁ ନଚେତ ଆପଣଙ୍କର ମୂଲ୍ୟବାନ ସମ୍ପତ୍ତି ଅକାରଣରେ ହଡ଼ପ ହୋଇଯିବ। ଓଡ଼ିଆରେ ଏକ ପ୍ରାଚୀନତମ କଥା ଅଛି 'ଦୁଃଖି ସଞ୍ଚିଥିଲା ଧନ, ମୂଷା କଲା ଜଳପାନ'।

+ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ

# ଭରୁଥିନୀ ଏକାଦଶୀ



## ପଣ୍ଡିତ ସୋମନାଥ ଦାସ

ଓଡ଼ିଶା ଏକ ପ୍ରାଚୀନ ରାଜ୍ୟ। ଉତ୍କଳ, ଉଡ୍ର, କୋଶଳ, କଳିଙ୍ଗ ଏହି ନାମ ଗୁଡ଼ିକ ଓଡ଼ିଶାର ସଭ୍ୟତା ଓ ସଂସ୍କୃତି ସଙ୍ଗେ ସଂପୃକ୍ତ। ରାମାୟଣ, ମହାଭାରତ ଏବଂ ବୌଦ୍ଧ ଯୁଗରେ ମଧ୍ୟ ଓଡ଼ିଆ ମାନଙ୍କର ଏକ ବଳିଷ୍ଠ ସଂସ୍କୃତି ବିକଶିତ ହୋଇଥିଲା। ଓଡ଼ିଶାର ସଂସ୍କୃତି କହିଲେ, ଓଡ଼ିଶାର ଲୋକ ସାହିତ୍ୟ, ଲୋକଧର୍ମ, ଲୋକଗୀତ, ଲୋକ କାହାଣୀ, ଲୋକ ଚେତନାକୁ ହିଁ ବୁଝାଏ। ବୈଦିକ ସଂସ୍କୃତି ଅବଶ୍ୟ ଲୋକ ସଂସ୍କୃତି ଠାରୁ ଭିନ୍ନ ପ୍ରଥମଟି ବିଦ୍ୱାନର ଏବଂ ଅପରଟି ଲୋକ ସମାଜର ଜୀବନ ଉପରେ ଆଧାରିତ ସଂସ୍କୃତି। ଅବଶ୍ୟ ଲୋକର ଅପରିସୀମ ପ୍ରଭାବ ଏ ସମାଜରେ ସର୍ବଥା ଗୃହୀତ ହୋଇ ଆସିଥିବାରୁ ବୈଦିକ ସଂସ୍କୃତିକୁ ଲୋକ ସଂସ୍କୃତିର ପରିପୂରକ ଭାବେ ଗ୍ରହଣ କରାଯାଇପାରେ। ହିନ୍ଦୁ ଧର୍ମରେ ଏକାଦଶୀ ବ୍ରତର ବିଶେଷ ମହତ୍ୱ ରହିଛି। ପ୍ରତ୍ୟେକ ଏକାଦଶୀର ଭିନ୍ନ ନାମ ଏବଂ ମହତ୍ୱ ବିଷୟରେ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ଏହି କ୍ରମରେ ବୈଶାଖ ମାସ କୃଷ୍ଣ ପକ୍ଷ ଏକାଦଶୀକୁ ଭରୁଥିନୀ ଏକାଦଶୀ କୁହାଯାଏ। ଏଥର ଏହି ଏକାଦଶୀ ୧୩ ଏପ୍ରିଲ ସୋମବାର ଦିନ ପଡ଼ୁଛି। ମାନ୍ୟତା ଅନୁଯାୟୀ ଏହି ଏକାଦଶୀର ଫଳ ସମସ୍ତ ଏକାଦଶୀ ଠାରୁ ଊର୍ଦ୍ଧ୍ୱରେ। ଏହି ଦିନ ଯିଏ ଉପବାସ ରଖିଥାଏ, ତାକୁ ୧୦ ହଜାର ବର୍ଷ ତପସ୍ୟାର ପୂଣ୍ୟ ଫଳ ମିଳିଥାଏ। ଜୀବନର ସବୁ ପାପ ନାଶ ହୁଏ ଏବଂ ସୁଖ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ। ମନୁଷ୍ୟକୁ ଭୌତିକ ସୁଖ ତ ପ୍ରାପ୍ତ ହୋଇଥାଏ, ମୃତ୍ୟୁ ପରେ ତାକୁ ମୋକ୍ଷ ମଧ୍ୟ ମିଳିଥାଏ। ବ୍ରତର ବିଧି ଅନୁଯାୟୀ ଭରୁଥିନୀ ଏକାଦଶୀ ସକାଳୁ ସ୍ନାନ ଆଦି ସମ୍ପନ୍ନ କରିବା ପରେ ଶୁଦ୍ଧ ହୋଇ ସଂଯମପୂର୍ବକ ଉପବାସ କରିବା ଆବଶ୍ୟକ। ରାତ୍ରୀ ଜାଗରଣ କରି ଭଗବାନ ମଧୁସୂଦନ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପୂଜା କରାଯିବା ଉଚିତ। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜା ମଧ୍ୟ ସମ୍ପୂର୍ଣ୍ଣ ବିଧିପୂର୍ବକ କରାଯିବା ଆବଶ୍ୟକ। ବିଷ୍ଣୁ ସହସ୍ରନାମ ଜପ ଏବଂ ହରିକଥା ଶ୍ରବଣ କରିବା ଉଚିତ। ବ୍ରତର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଦଶମୀ ତିଥିରେ ଥରେ ହବିଷ୍ୟାନ୍ନ ଭୋଜନ କରିବା ଫଳଦାୟୀ ହୋଇଥାଏ। ବ୍ରତ ପରଦିନ ବ୍ରାହ୍ମଣମାନଙ୍କୁ ଭୋଜନ ଦେବା ଉଚିତ। ଏହାପରେ ନିଜେ ଭୋଜନ କରିବା ଆବଶ୍ୟକ। ଏହି ବ୍ରତର ମହିମା ସମ୍ପର୍କରେ 'ପଦ୍ମ ପୁରାଣ'ରେ ଲେଖା ଅଛି ଯେ, ଦଶ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କଲେ ଏବଂ ସୂର୍ଯ୍ୟ ପରାଗ ସମୟରେ ସୁବର୍ଣ୍ଣ ଦାନ କଲେ ଯେଉଁ ଫଳ ମିଳେ ବରୁଥିନୀ ବ୍ରତ କଲେ ସେହି ଫଳ ମିଳିଥାଏ। କେବଳ ଇହଲୋକରେ ନୁହେଁ ପରଲୋକରେ ମଧ୍ୟ ଏହି ବ୍ରତଧାରୀ ମାନଙ୍କୁ ଇପ୍ସିତ ବା ଅଭିଳଷିତ ଫଳ ମିଳିଥାଏ। ଏହି ବ୍ରତ ତିଥିରେ ବିଶେଷକରି ଦଶମୀ ତିଥିରେ ଦଶଟି ଜିନିଷକୁ ନିଷିଦ୍ଧ କରାଯାଇଛି ତାହା ହେଉଛି କାଂସ୍ୟ, ମାଂସ, ମସୁର, ଚଣା, କୋଦବ, ଶାଗ, ମଦ୍ୟ, ପରାନ୍ନ, ପୁନର୍ଭୋଜନ ଓ ମୈଥୁନ। ସେହିପରି ଏକାଦଶୀ ଦିନ ଯୁଆ, ନିଦ୍ରା, ମଦ୍ୟପାନ, ପରନିନ୍ଦା, ଚୁଗୁଲି, ଚୋରୀ, ହିଂସା, ରତିକ୍ରୀଡ଼ା, କ୍ରୋଧ, ମିଥ୍ୟା ପରିତ୍ୟାଗ କରିବା ଉଚିତ। ସେହିପରି ବ୍ରତ ପାଳନକାରୀଙ୍କ ପାଇଁ ଦ୍ୱାଦଶୀ ଦିନର ବାରଣ ହେଉଛି ମାଂସ, ମଦିରା, କାଂସ୍ୟ, ମହୁ, ତୈଳ ଓ ମନ୍ଦ କଥା ଆଦି।

ଏହି ତିଥିରେ ବିଧି ଅନୁଯାୟୀ ଏକାଦଶୀ ବ୍ରତ ପାଳନ କଲେ ଇହଲୋକରେ ପାପନାଶ ଓ ପରଲୋକରେ ଅକ୍ଷୟ ଗତି ହୋଇଥାଏ। ଏଥିରେ ରାତିରେ ଜାଗର ଜାଳି ଭଗବାନ ମଧୁସୂଦନଙ୍କୁ ପୂଜା କରାଯାଏ। ବିଶେଷକରି ମୃତ୍ୟୁ ଭୟରେ ପୀଡ଼ିତ ବ୍ୟକ୍ତି ଏହି ଏକାଦଶୀ ପାଳନ କରିବା ଉଚିତ। ବ୍ରତ କଥା ଏହିପରି ପ୍ରାଚୀନ କାଳରେ ନର୍ମଦା ନଦୀ କୂଳରେ ରାଜା ମାନ୍ଧାତା ରାଜୁତି କରୁଥିଲେ। ଥରେ ସେ ଜଙ୍ଗଲରେ ତପସ୍ୟା କରୁଥିଲେ, ଏହି ସମୟରେ ଏକ ଭାଲୁ ଆସିଲା ଏବଂ ତାଙ୍କ ପାଦକୁ ଚୋବାଇବାକୁ ଲାଗିଲା। ମାନ୍ଧାତା ତପସ୍ୟା କରୁଥିଲେ। ତେଣୁ ସେ ଭାଲୁ ଉପରେ କ୍ରୋଧିତ ହେଲେ ନାହିଁ କିମ୍ବା ହିଂସାର ସାହାରା ନେଲେ ନାହିଁ। ଅସହନୀୟ ପୀଡ଼ା ଅନୁଭବ କରିବାରୁ ସେ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କଲେ। ଭଗବାନ ବିଷ୍ଣୁ ପ୍ରକଟ ହୋଇ ତାଙ୍କର ରକ୍ଷା କଲେ। କିନ୍ତୁ ଭାଲୁ ତାଙ୍କର ପାଦ ଖାଇ ଦେଇଥିବାରୁ ରାଜାଙ୍କ ମନ ଦୁଃଖ ହେଲା। ଭଗବାନ କହିଲେ ଯେ ବତ୍ସ। ତୁମେ ଦୁଃଖୀ ହୁଅନାହିଁ। ତୁମର ପୂର୍ବଜନ୍ମର ଫଳ ଯୋଗୁ ଭାଲୁ ତୁମ ପାଦକୁ ଖାଇ ଦେଲା। ତୁମେ ମଥୁରା ଯାଅ ଏବଂ ସେଠାରେ ଭରୁଥିନୀ ଏକାଦଶୀ ବ୍ରତ ପାଳନ କର। ଏହାପରେ ତୁମର ପାଦ ସମ୍ପୂର୍ଣ୍ଣ ଭଲ ହୋଇଯିବ। ରାଜା ଭଗବାନଙ୍କ ଆଜ୍ଞା ପାଳନ କରି ପୁଣିଥରେ ନିଜର ପାଦ ଫେରି ପାଇଥିଲେ। ଏହି ଦିବସଟି ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ଏକ ମହିମାମୟ ଓ ପବିତ୍ର ଦିନ। ଏହି ଦିନରେ ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ। ଆମ ଓଡ଼ିଶାର ବିଭିନ୍ନ ଗାଁ ଗଣ୍ଡାରେ ଥିବା ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ମନ୍ଦିର ଓ ମଠ ବାଡ଼ିରେ ଦିବସ ବ୍ୟାପୀ ନାମ ସଂକୀର୍ତ୍ତନ, ହରିହାଟ, ଅନ୍ନଦାନ, ଜଳଦାନ ପରି ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ।

+କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,
ମୋ: ୭୦୦୮୦୦୦୮୯୮

# ସବୁଠୁ ଶିକ୍ଷିତ ଜିଲ୍ଲାରେ ଶିକ୍ଷାର ଅବ୍ୟବସ୍ଥା



## ସୁବ୍ରତ କର

ଆମ ରାଜ୍ୟରେ ଆମ ଜିଲ୍ଲା ବାଲେଶ୍ୱର ସବୁଠୁ ପୁରୁଣା ଏବଂ ଶିକ୍ଷିତ ଜିଲ୍ଲାର ପରିଚୟ ହାସଲ କରିଛି । ଶିକ୍ଷା କ୍ଷେତ୍ରରେ ଏବେ ମଧ୍ୟଆଗରେ କିନ୍ତୁ ଦୁଃଖର କଥା ଏହି ଜିଲ୍ଲା ସରକାରଙ୍କ ଗଣଶିକ୍ଷା ବିଭାଗ ହେଉ ବା ଉଚ୍ଚଶିକ୍ଷା ବିଭାଗର ମାଲିକମାନଙ୍କର ଶୁଭ ଦୃଷ୍ଟିର ଅଭାବ ହୋଇଛି । ଜିଲ୍ଲାରେ ୧୨ଟି ବ୍ଲକ ରହିଛି ଏବଂ ଏହି ବ୍ଲକ ମଧ୍ୟରୁ ୭ଟିରେ ଗୋଷ୍ଠୀ ଶିକ୍ଷାଧିକାରୀ ନାହାନ୍ତି । ନିଶ୍ଚିତ ଭାବରେ ଏହି ବ୍ଲକ ମାନଙ୍କରେ ଶିକ୍ଷା ପରିଚାଳନା କାର୍ଯ୍ୟ ଏବଂ କ୍ଷେତ୍ର ଶିକ୍ଷା ପରିଦର୍ଶନ ବାଧାପ୍ରାପ୍ତ ହେବାରେ ଲାଗିଛି । ପୁଣି ଯେଉଁ ୫ଟି ବ୍ଲକରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ଚିକିତ୍ସାଧିନ ଛୁଟିରେ ଅଛନ୍ତି। ସୂଚନା ଅନୁସାରେ ବାଲେଶ୍ୱର ଶିକ୍ଷା ଜିଲ୍ଲାରେ ଏବେ ସୋର, ଖଇରା, ସିମୁଳିଆ, ବାଲିଆପାଳ, ବସ୍ତା, ଭୋଗରାଇ ବ୍ଲକରେ ଶିକ୍ଷାଧିକାରୀ ନାହାନ୍ତି । ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାମ ହେଉଛି ତାଙ୍କ ଅଧୀନରେ ଥିବା ସମସ୍ତ ପ୍ରାଥମିକ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଶାସନିକ, ପର୍ଯ୍ୟବେକ୍ଷଣ କାର୍ଯ୍ୟକୁ ତଦାରଖ କରିବା ଏବଂ ଠିକ୍ ସେ ଚଳେଇବା । ସବୁ ବିଦ୍ୟାଳୟ ପରିଦର୍ଶନ କରି ନୀରିକ୍ଷଣ କରିବା, ଶିକ୍ଷକଙ୍କ ଦରମା ଓ ଭତ୍ତା କଥା ବୁଝିବା, ଛୁଟି ମଞ୍ଜୁର କରିବା, ମଧ୍ୟାହ୍ନ ଭୋଜନ ଯୋଜନାର ସଠିକ ଭାବରେ ଚାଲିଛି କି ନାହିଁ ତାକୁ ତଦାରଖ କରିବା, ସ୍କୁଲର ହିସାବ ପତ୍ର ଯାଞ୍ଚ କରିବା ଏହା ସହିତ ସବୁ ବିଦ୍ୟାଳୟର ପରୀକ୍ଷା ପରିଚାଳନା କରିବା, ଅଭିଯୋଗ ଗ୍ରହଣ କରିବା ଓ ତାର ସମାଧାନ କରିବା ଇତ୍ୟାଦି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ମଧ୍ୟରେ ଆସୁଛି। ପଦ ଖାଲି ଥିବାରୁ ଏବଂ ସରକାର ବହୁତ ଦିନ ହେଲା ପୂରଣ କରି ନଥିବାରୁ ସମସ୍ତ ପ୍ରକାରର କାର୍ଯ୍ୟ ପଛେଇ ଯାଉଛି । ସବୁଠୁ ଦୁଃଖର କଥା ହେଉଛି, ଏହିସବୁ ବ୍ଲକ ମଧ୍ୟରୁ ସୋର ବ୍ଲକରେ ଗତ ୧୫ବର୍ଷ ହେବ କୌଣସି ସ୍ଥାୟୀ ଶିକ୍ଷାଧିକାରୀ ନାହାନ୍ତି । ଏହି ବ୍ଲକର ଜନ୍ମ ନେଇଥିବା ସ୍ୱର୍ଗତ କବିବର ରାଧାନାଥ ରାୟ ନିଜେ ଥିଲେ ସମସ୍ତ ସ୍କୁଲର ଶିକ୍ଷାଧିକାରୀ। ତାଙ୍କ ବ୍ଲକର ଅବସ୍ଥା ଏମିତି । ଏବଂ ବାହାନଗା ବ୍ଲକର ଶିକ୍ଷାଧିକାରୀ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି, ଆହୁରି ଦୁଃଖର କଥା ମୋର ଜାଣିବାରେ ଜଣେ ଜଣେ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚାରି ଚାରିଟା ଶିକ୍ଷା ବିଭାଗ ତରଫରୁ ଦାୟିତ୍ୱ ତୁଲାଇବା ପାଇଁ ବଂଧା ହୋଇଛି । ଜଣେ ପ୍ରଧାନ ଶିକ୍ଷକ ନିଜ ସ୍କୁଲ ଛଡ଼ା ନୀଳଗିରିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସେହି ନୀଳଗିରିର ଆଉ ଗୋଟାଏ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ଏବଂ ଏହାଛଡ଼ା ବାଘାଜତୀନ ହାଇସ୍କୁଲର ଦାୟିତ୍ୱରେ ଅଛନ୍ତି । ଏବେ କୁହନ୍ତୁ ଏହି ଭଦ୍ରଲୋକ କେତେ ସମୟ ଖଟିବା ପରେ ସବୁଗୁଡ଼ାକୁ ସୁଚାରୁ ରୂପେ ପରିଚାଳନା କରିବାରେ ସକ୍ଷମ ହେବ । ଏଣୁ ବାଲେଶ୍ୱର ବାସୀଙ୍କ ଅନୁରୋଧ ଅଣଦେଖା ନ କରି ସରକାରଙ୍କ ଶିକ୍ଷା ବିଭାଗ ଯଥାଶୀଘ୍ର ପଦକ୍ଷେପ ନେଇ ଶିକ୍ଷିତ ଜିଲ୍ଲାକୁ ଅଣଶିକ୍ଷିତ ନ କରନ୍ତୁ । ଆଶା କରିବୁ ସରକାର ଏହାପ୍ରତି ଦୃଷ୍ଟି ଦେବେ ।




# ପ୍ରେମ ମୋ ପାଇଁ ଜହର

## ଶ୍ରୀ ଟୁକୁ ଚୌଧରୀ



ଗୋଲାପ ଫୁଲକୁ ନିଜର ଭାବିଲି କଣ୍ଟାର ଦରଦ ସହି,
ସେହି ଫୁଲ ଆଜି ଆଘାତ କରିଲା ହୃଦୟ ମନ୍ଦିରେ ରହି !
ହେ ହୃଦୟ ଦେବତା କୋଟି ରୂପକାନ୍ତି,
ମୋ ମନ ମନ୍ଦିରେ ନିତି ତୁମକୁ ପୂଜିବି !
ତୁମେ ମୋ ପ୍ରେମ ଠାକୁର କରିବନି ମତେ ଅନାଦର,
ପ୍ରେମ ଯୁଗଳରେ ଦାସ ହୋଇ ରହିବି ତୁମର !
ତୁମର ବକ୍ଷ ଯୁଗଳ ଡାକେ ମତେ ହାତ ଠାରି,
ପ୍ରୀତି ଦାନ ଦିଅ ମୁଖେ ଚୁମ୍ବନ ଭରି !

ଅଙ୍ଗେଭରି ଦିବା ନିଶି ଖେଳିବି ମୁଁ ହୋଳି,
ସତରଙ୍ଗେ ଆଙ୍କିଦେବି ତୁମର ଚୁମ୍ବନ ଭରା ଛବି !
ଜଣା ନାହିଁ କଣ ପାଇଁ ଏତେ କଷ୍ଟ ଦେଇଥାଏ ପ୍ରେମ,
ହସ ଖୁସିରେ ରହୁଥିବା ମଣିଷ ବି ମରିବା ପାଇଁ ମହାଦେବକୁ ଡାକିଥାଏ !

ଜୀବନରେ ଥରେ ପ୍ରେମ ନିଶ୍ଚିତ ହେଇଥାଏ,
କିନ୍ତୁ ଯାହା ସାଥିରେ ପ୍ରକୃତ ପ୍ରେମ ହେଇଥାଏ ସିଏ ଆମ ଭାଗ୍ୟରେ ନ ଥାଏ !
କିନ୍ତୁ ଦୁଃଖ ଏମିତି ବି ଥାଏ ଯାହା ଶବ୍ଦରେ ବି କହିହୁଏ ନାହିଁ,
ତତେ ପାଇବା ଯଦି ମୋ ଭାଗ୍ୟରେ ନଥିଲା,
ତାହେଲେ ତୋ ସହିତ ପ୍ରେମ ହେଲା କାହିଁକି !

ମୁଁ ଜାଣିପାରୁନି ତୋ ବିନା ବଞ୍ଚି ପାରିବିନି ନାଁ ମରି ପାରିବି !
ମୁଁ ଜାଣି ପାରିଲିନି ତୋ ପ୍ରେମରେ ଏତେ ଛଳନା !

+ଗ୍ରା/ପ - ଚିଚିଆ ଧର୍ମଗଡ଼, କଳାହାଣ୍ଡି
ମୋ - ୭୯୭୮୬୦୪୪୮୨

# ଅସଜଡ଼ା କାନଭାସ



## ସୁଇଟି ଦାସ

ମୋନାଲିସା ପଟ୍ଟନାୟକ, ଏକ କଲେଜରେ ଅଧ୍ୟାପିକା ଭାବରେ କାର୍ଯ୍ୟରତ । ପରିବାର କହିଲେ ସେ ଆଉ ତାଙ୍କ ବଡ଼ ଝିଅ ପିଙ୍କି ଓ ସାନ ଝିଅ ରିଙ୍କି । ସବୁଦିନ ପରି ସେ ଦିନ ମଧ ସେଇ ଏକ ପ୍ରକାରର ରୁଟିନ । ସକାଳୁ ସକାଳୁ ଉଠି ନିଜ ନିତ୍ୟ କର୍ମ ସାର, ପୁଣି ପିଲାଙ୍କୁ ସ୍କୁଲ ପାଇଁ ରେଡି କରାଅ, ଆଉ ତା ପରେ କଲେଜ ପାଇଁ ପ୍ରିପେୟାର ହୁଅ । ଫେରିଲା ବେଳକୁ ପିଲାଙ୍କ ଜିଦ୍, ଆସିଲା ବେଳେ ମାର୍କେଟରୁ ନୋଟବୁକ, ପେନ, ବହି, ଚକୋଲାଟେ ଇତ୍ୟାଦି ଇତ୍ୟାଦି....। ପୁଣି ରାତି ରୋଷେଇ ପାଇଁ ତାଜା ପାରିବା ଆଣିବ, ହଁ ପୁଣି ଯଦି ଆମିଷ ବାର ଅଛି ତ କଥା ସରିଲା । ବଡ ଝିଅର ଚିକେନ ପସନ୍ଦ । ଖାଲି ମାଂସ ଦୋକାନର ଭିଡ ଭିତରେ ନିଜକୁ ଖୋଜି ପାଇବା ମୁସ୍କିଲ । ସେଠୁ ଫେରିଲା ବେଳକୁ ସନ୍ଧ୍ୟା ଛଟା । ବେଳେ ବେଳେ କଲେଜରୁ ଫେରିବା ବିଳମ୍ବ ହୋଇଯାଏ, କେତେବେଳେ କଲେଜ ଷ୍ଟାଫ ମିଟିଙ୍ଗ ତ ପୁଣି କେତେବେଳେ କଲେଜ ଏକସ୍‌ଜିବିସନ । ଇଚ୍ଛା ତ ହୁଏ ବେଳେ ବେଳେ କର୍ମ କ୍ଷେତ୍ର ତଥା ସଂସାରରୁ ଛାଡି କୁଆଡେ ପଳେଇବାକୁ । ଓହୋ ଏକୁଟିଆ ସ୍ତ୍ରୀ ଲୋକଟା କେତେ ଆଉ କଷ୍ଟ ସହିବ । ହେଲେ କଣ କରିବ ମଣିଷ -ବାପ ରାଣ ଢ଼ିଙ୍କି ଗିଳ... । ନିଜର କର୍ତ୍ତବ୍ୟ ତ କରିବାକୁ ପଡିବ ।

ସେ ଯାହା ବି ହେଉ ପଛେ, ଆଉ ଯଦି ରବିବାର ଅଛି ବୋଲି ଭାବିନେଇଛ କି ଆଜି କଲେଜ ଛୁଟି, ସ୍କୁଲ ଛୁଟି, ଟିକେ ଶାନ୍ତି ରେ ବସି କିଛି କାନଭାସ ରେ କିଛି ଆଙ୍କିବି.... ତା ’ ହେଲେ ତ ତୁମ ବେଳ ଖରାପ, ସଂଗେ ସଙ୍ଗେ ସକାଳ ହେବା ପୂର୍ବରୁ ସାନ ଝିଅ ରିଙ୍କି ଆସି କହିବ,

ମାମା ! ମୁଁ କଣ କହୁଥିଲି କି ଆଜି ଟିକେ ପାର୍କ ଆଡେ ବୁଲିଆସିବା । ବଡ଼ ଝିଅର ଜିଦ୍, ଚାଲନା... ମାମା ! ଟିକେ ସପିଙ୍ଗ କରି ଫିଲ୍ମ ଦେଖି ଆସିବା । ଆଉ ଯଦି ଟିକେ କୌଣସି ବାହାନା କରି ବୁଝେଇଦେଲ, ତେବେ ତ କଥା ସରିଲା । ସେଇଠୁ ଆରମ୍ଭ ହୋଇଯିବ ଦୁଇ ଝିଅଙ୍କ ନାକ କାନ୍ଦଣା......

“ମାମା ତମେ ଆମକୁ କୁଆଡେ ବି ନଉନ... କେବେଠୁ କହିଲିଣି ଟିକେ କଉଠି ବୁଲିଯିବା..., ଆଜି ଯଦି ବାପା ଥାନ୍ତେ ତ ଆମକୁ ସବୁଆଡେ ବୁଲାଇ ନେଇଥାନ୍ତେ କିନ୍ତୁ ତମ ଦ୍ୱାରା ହବନି ...”

ଏତକ ଶୁଣି ମୋନାଲିସାଙ୍କ ଆଖି ଛଳ ଛଳ ହୋଇଆସିଲା । ସେ ଭାବୁଥାନ୍ତି ପିଲାମାନେ କେମିତି ବୁଝିବେ ଯେ ତାଙ୍କ ଖୁସି ପାଇଁ, ଏ ଛୋଟ ପରିବାରର ଶାନ୍ତି ପାଇଁ ଏ ମଣିଷଟା ନିଜର ସବୁ ଖୁସିକୁ କେବେଠୁ ଜଳାଞ୍ଜଳି ଦେଇସାରିଛି । ହେଲେ କଣ ହବ ! ଏ ସବୁକୁ ଚାହିଁଲେ ବି କହି ପାରିବନି କାହାକୁ ।

ଆଜି ତାଙ୍କର ମନେପଡେ ସେଇ ପିଲାବେଳ କଥା, କେତେଯେ ଅଝଟ ଥିଲେ ସେ ବାପ ମାଆଙ୍କ ଗୋଟେ ଝିଅ ହିସାବରେ । ପିଲାଟି ଦିନରୁ ସେ ଥିଲେ ଭାରି ସ୍ନେହୀ ଓ ଖୁବ ସୁନ୍ଦରୀ । ନିଜର ସୁନ୍ଦର ଚିତ୍ର କଳା ପାଇଁ ସେ ଦିନେ ସମସ୍ତଙ୍କର ପ୍ରଶଂସାର ପତ୍ର ସାଜିଥିଲେ । ଛୋଟ ବେଳୁ କେତେ ଯେ ଏଠି ପାଇଁ ମେଡାଲ ପାଇଛନ୍ତି ତାର କୌଣସି ହିସାବ ନାହିଁ ତାଙ୍କ ପାଖରେ ।

ଶେଷରେ ଏହି ଚିତ୍ର କୁ ହିଁ ନେଇ ସେ ଆରମ୍ଭ କରିଥିଲେ ନିଜ କ୍ୟାରିୟର ଜେଜେ ଆର୍ଟ କଲେଜ ଅଫ ମୁମ୍ବାଇର ଛାତ୍ରୀ ହିସାବରେ । ସ୍କୁଟି ନେଇ କଲେଜ ଯିବା ବାଟରେ, କେତେଯେ ଦୁଷ୍ଟ ଆଖି ତାଙ୍କୁ ଚାହିଁ ରହିଥାନ୍ତି ତାହାର ହିସାବ ନାହିଁ । କହିବାକୁ ଗଲେ ମୋନାଲିସା ଥିଲେ ସହରର ସବୁ ଯୁବକଙ୍କ ଛାତିର ସ୍ପନ୍ଦନ । ତାଙ୍କର ଟିକିଏ ହସରେ ହଲିଯାଉଥିଲା ସାରା କଲେଜ, ସତେ ଯେପରି ଇତିହାସର ସେ ମୋନାଲିସା ପେଣ୍ଟିଙ୍ଗର ହସଠୁ ବି ଆହୁରି ସୁନ୍ଦର । ହଜାରେ ଆଖି ପିଟି ହୋଇ ପୁଣି ଫେରି ଆସୁଥିଲେ, ହେଲେ ସେ ଆଖିର ଭିଡ ଭିତରୁ ଦୁଇଟି ଆଖି ଆଉ ଫେରି ନଥିଲା..... ମୋନାଲିସାଙ୍କ ନଜର ପାଖରୁ । ଆଉ ସେ ଥିଲେ ତାଙ୍କର ସହପାଠୀ ଅଭିନାଶ । ଅଭିନାଶ ଙ୍କ କଥା ବାର୍ତ୍ତା ଚାଲି ଚଳଣି ଓ ଚିତ୍ର ଯେପରି ଛୁଇଁ ଛୁଇଁ ଯାଉଥିଲା ମୋନାଲିସାଙ୍କ ହୃଦୟକୁ । ଆଉ ଅଭିନାଶ ବି ମୋନାଲିସାଙ୍କୁ କେବେଠୁ ନିଜର ବନ୍ଧୁ କରିନେଇ ଥିଲେ । ଧୀରେ ଧୀରେ ସମ୍ପର୍କ ନିବିଡ଼ ହେବାକୁ ଲାଗିଲା । ଦୁହେଁ ଦୁହିଁଙ୍କ ପ୍ରତ୍ୟେକ କାମରେ ସାହାଯ୍ୟ କରନ୍ତି । ବେଳେ ବେଳେ କଲେଜରେ ମୋନାଲିସା କାମ କରୁଥିବା ବେଳେ କାନଭାସ, ତୁଳୀ, ରଙ୍ଗ ପେଲେଟ ସବୁକୁ ଅସଜଡ଼ା କରି ପକେଇ ଅନ୍ୟମନସ୍କ ଭାବେ ହଷ୍ଟେଲକୁ ପଳାନ୍ତି । କିନ୍ତୁ ଅଭିନାଶ ସେ ସବୁକୁ ପୁଣି ସଜାଡି ଭଲ ଭାବେ ରଖି ଦିଅନ୍ତି । ମୋନାଲିସାଙ୍କ ଏହି ଅସଜଡ଼ା ଗୁଣଟା ଅଭିନାଶଙ୍କୁ ଜମା ବି ପସନ୍ଦ ନଥିଲା । ଏମିତି ଦୁଇ ଜଣଙ୍କ ବନ୍ଧୁତ୍ୱ ଭିତରେ ଚାରି ବର୍ଷ ବିତିଯାଇ ଥାଏ । ଶେଷରେ ସେମାନେ ଦୁହେଁ ମୁମ୍ବାଇର ଏକ ଘରୋଇ ନାମୀଦାମୀ ଟେକଷ୍ଟାଇଲ କମ୍ପାନୀରେ ଚାକିରୀ ମଧ କଲେ । ଏଥର ମୋନାଲିସା ସ୍ଥିର କଲେ ନିଜର ମନ କଥା ଅଭିନାଶଙ୍କ ଆଗରେ ପ୍ରକାଶ କରିଦେବେ ଯେ :- ସେ ଅଭିନାଶଙ୍କୁ ଭଲ ପାଆନ୍ତି । କିନ୍ତୁ ମନରେ ଗୋଟିଏ ଡର, ଅଭିନାଶ କଣ ସତରେ ତାଙ୍କୁ ଭଲ ପାଆନ୍ତି, ନା ଜଣେ ଭଲ ବନ୍ଧୁ ହିସାବରେ ଦେଖନ୍ତି ! ଏମିତିରେ ବାପା ମାଆଙ୍କ ବିନା ପରାମର୍ଶରେ ନେଇ ପାଦେ ଆଗେଇବାଟା ଠିକ ହବନି ବୋଲି ଭାବି ପ୍ରଥମେ ସେମାନଙ୍କୁ ଜଣେଇବାଟା ଠିକ ହବ ବୋଲି ଭାବି ସେ ଦିନ ମୋନାଲିସା ଘରକୁ ପଞ୍ଚ ଦିନ ଛୁଟି ନେଇ ଆସିଥାନ୍ତି । ଏତେ ଦିନ ପରେ ଝିଅକୁ ଦେଖି ବାପା ମାଆଙ୍କ ଖୁସି କହିଲେ ନ ସରେ । ଶେଷ ରେ ମୋନାଲିସା କିଛି କହିବା ଆଗରୁ ତାଙ୍କ ବାପା କହିଲେ :-

ତୋ ପାଇଁ ଗୋଟେ ଖୁସି ଖବର !

କଣ ବାପା ଜଲଦି କୁହ ?

ବାପା ଙ୍କ ଉତ୍ତର :- ମୋ ଗେଲ୍ଲୀ ଝିଅ ପାଇଁ ମୁଁ ଗୋଟେ ପୁଅ ଠିକ କରିଛି । ଆଉ ସେ ହଉଛନ୍ତି ପ୍ରତାପ ସିଂ, ଜାଣିଛୁ ସେ ଜଣେ ଡକ୍ତର । ଯେକି କଳିଙ୍ଗ କେୟାର ହସ୍ପିଟାଲ ରେ କାର୍ଯ୍ୟରତ । ତୋତେ ଆଉ ଆମଠୁ ଦୂରରେ ରହି ମୁମ୍ବାଇରେ ଚାକିରୀ କରିବାକୁ ପଡ଼ିବନି, ତୁ ଏଇଠି ବିବାହ ପରେ ଓଡିଶାରେ ରହି ଚାକିରୀ କରିବୁ ।

ବାପାଙ୍କ ମୁହଁରୁ ଏତକ ଶୁଣି ମୋନାଲିସାଙ୍କ ପାଦ ତଳୁ ମାଟି ଖସିଗଲା । ଖୁସି ସବୁ ପାଣି ଫୋଟୋକା ପରି ମେଲେଇଗଲା ।

ମୋନାଲିସାଙ୍କ ଉତ୍ତର :- ହେଲେ ମୁଁ ତ ମୋ ସହପାଠୀ ଅଭିନାଶଙ୍କୁ ଭଲ ପାଏ ।

ବାପା :- ଆରେ ମୋର ଜାଣିବାରେ ଅଭିନାଶ ଜଣେ ଗରିବ ଘରର ପୁଅ । ତୁ କଣ ତା ସହ ଜୀବନ ସାରା ରହିପାରିବୁ । ମୁଁ ମାନୁଛି ତମ ଦୁଇ ଜଣଙ୍କ ଭିତରେ ଭଲ ବନ୍ଧୁତ୍ୱ ଅଛି, ମାତ୍ର ଭଲ ବନ୍ଧୁ ଯେ ଭଲ ସ୍ୱାମୀ ହୋଇପାରିବ ତାର କଣ ମାନେ ଅଛି ? ଆଉ ତୁ ଯଦି ତାକୁ ବାହା ହଉ ତ ଲୋକେ କଣ କହିବେ, ସମାଜ କଣ ଭାବିବ ଆମକୁ ?

ତମ ଝିଅର ଖୁସିଠୁ କଣ ସମାଜ ଏତେ ବଡ଼ ହେଇଗଲା ? ? ?

ଝିଅ ମୁହଁରୁ ଗୋଟେ ପଦ ଶୁଣି ବାପା ଅଭିମାନରେ ସେ ସ୍ଥାନ ଛାଡି ଚାଲି ଯାଇଥିଲେ ।

ଶେଷରେ ମୋନାଲିସା ଭାବିଲେ ଫୋନ କରି ଅବିନାଶଙ୍କୁ ସବୁ କଥା କହିବେ । ମାତ୍ର ଅବିନାଶଙ୍କୁ ଯେତେ ଫୋନ କଲେ ମଧ ସେ ରିସିଭ କରିନଥିଲେ । ଅଫିସକୁ ଫୋନ କରି ପଚାରି ବୁଝିବାରୁ ଜଣାପଡିଲା ସେ ଚାକିରୀରୁ ରିଜାଇନ ଦେଇ ଚାଲିଯାଇଛନ୍ତି । ଆଉ ତା ପରେ ବହୁ ଖୋଜିଲା ପରେ ମଧ ତାଙ୍କର କୌଣସି ପତା ମିଳିଲା ନାହିଁ । ଯେଉଁ ଅବିନାଶ ଦିନେ ମୋନାଲିସାଙ୍କ ଅସଜଡ଼ା କାନଭାସକୁ ସଜାଡି ବାରେ ସାହାଯ୍ୟ କରିଥିଲେ ଆଜି ସେ ଏମିତି ଜୀବନକୁ ଅସଜଡ଼ା କରିବେ ବୋଲି ସେ କେବେ ସ୍ୱପ୍ନ ରେ ସୁଦ୍ଧା ଭାବି ନ ଥିଲେ ।

ଶେଷରେ ନିଜର ଅନିଚ୍ଛା ସତ୍ୱେ ବାପାଙ୍କ କଥାରେ ରାଜି ହୋଇ ପ୍ରତାପଙ୍କୁ ବିବାହ କରିବାକୁ ପଡିଥିଲା । କିନ୍ତୁ ବିବାହ ପରେ କୌଣସି ଗୋଟେ ଦିନ ମଧ ଖୁସିରେ କଟି ନଥିଲା ମୋନାଲିସାଙ୍କର । ନିଜର କର୍ମ କ୍ଷେତ୍ର, ଇଚ୍ଛା, ଖୁସି ସବୁ କୁ ଭୁଲିବାକୁ ପଡିଥିଲା । କିନ୍ତୁ ଭାଗ୍ୟର ବିଡମ୍ବନା ଏକ ବିମାନ ଦୁର୍ଘଟଣାରେ ପ୍ରତାପ ଙ୍କର ଦେହାନ୍ତ ହୋଇଗଲା । ସିନ୍ଦୁର ର ସ୍ୱାଦ ଚାଖିବା ଆଗରୁ ହିଁ ଲିଭିଯାଇଥିଲା ସୁହାଗ ସିନ୍ଦୁର ତାଙ୍କ କପାଳରୁ ସବୁଦିନ ପାଇଁ । ଶାଶୁ ଘର ଲୋକେ ଦାୟୀ କଲେ ମୋନାଲିସାଙ୍କୁ, ଅଲକ୍ଷଣି, କଳଙ୍କିନୀ କହି । ଖାଲି ଧଳା ଶାଢି ପିନ୍ଧି ଶାଶୁ ଘରୁ ବିଦା ହୋଇ ଆସିଲେ ସେ ବାପ ଘରକୁ । ଏତେ ଦୁଃଖ ପରେ ମଧ ସେ ହାରି ଯାଇନଥିଲେ । ଶେଷରେ ସମସ୍ତ ଦୁଃଖକୁ ପଛରେ ପକାଇ ଆରମ୍ଭ କଲେ ଏକ ନୂଆଁ ଜୀବନ । ପୁଣି ପାଠ ପଢା ଆରମ୍ଭ କଲେ । ପିଜି ପିଏଚଡି କରି ଶେଷରେ ଏକ କଲେଜ ରେ ଅଧ୍ୟାପିକା ଭାବରେ କାର୍ଯ୍ୟରତ ହେଲେ । ନିଜର ଏକଲାପଣକୁ ଦୂର କରିବାକୁ ଯାଇ ଅନାଥ ଆଶ୍ରମରୁ ଦୁଇ ପିଲାଙ୍କୁ କୋଳେଇ ଆଣିଥିଲେ । ତାଙ୍କର ଏହି ଅସଜଡ଼ା ଜୀବନ ଏଇ ଦୁଇ ଝିଅ ପାଇଁ ତ ସଜାଡି ପାରିଛି ।

ଅତୀତର ଏହି ସବୁ କଥା ଭାବୁ ଭାବୁ ମୋନାଲିସାଙ୍କର କେତେବେଳେ ଯେ ଆଖି ଲାଗିଯାଇଛି ସେ ନିଜେ ବି ଜାଣି ନାହାନ୍ତି ।

ଏତିକି ବେଳେ ସାନ ଝିଅ ଆସି କୁହେ :-

ମାମା ! ଉଠ..... ଜଲ୍‌ଦି.... ଉଠ,, ଆଜି ପରା ସନଣ୍ଡେ ଷ୍ଟୋର ରୁମ ସଫା କରିବାର ଅଛି । ମୋନାଲିସା ନିଦରୁ ଛଟପଟ ଉଠି ଷ୍ଟୋର ରୁମରେ ଥିବା ଅସଜଡ଼ା ଜିନଷ ପତ୍ରକୁ ସଜାଡି ବାରେ ଲାଗିଲେ । ଜିନିଷ ପତ୍ର ସଜାଡୁ ସଜାଡୁ ହଠାତ ଏକ ଲଫାପା ପାଇଲେ । ଆରେ ! ଏ ଚିଠି ତ ସେ କେବେ ପଢି ନାହାନ୍ତି । ସେ ଚିଠିଟିକୁ ଖୋଲି ପଢିବାକୁ ଲାଗିଲେ । ସେଥିରେ ଲେଖା ଥିଲା :-

ପ୍ରିୟ ସାଙ୍ଗ ମୋନାଲିସା,

ମୁଁ ତମ ଅବିନାଶ କହୁଛି । ମୁଁ ଜାଣିଛି ତମେ ମତେ ବହୁତ ଭଲ ପାଅ , ଆଉ ମୁଁ ତୁମକୁ ବି । କିନ୍ତୁ ଭଲ ପାଇବାର ଅର୍ଥ ନୁହେଁ ଯେ ଜଣଙ୍କୁ ପାଇଯିବା, ପ୍ରକୃତ ଭଲ ପାଇବାର ଅର୍ଥ ତ ତ୍ୟାଗ । ତମ ସାଙ୍ଗଠୁ ଶୁଣିବାକୁ ପାଇଲି ତମ ବାପା ତୁମ ବାହାଘର ଠିକ୍ କରିଦେଇଛନ୍ତି, ଆମ ଦୁଇ ଜଣଙ୍କ ପ୍ରସ୍ତାବରେ ସେ ରାଜି ହଉନାହାନ୍ତି । ତମେ ତାଙ୍କ କଥା ମାନି ଯାଅ । ତମ ବାପା ଜଣେ ହାର୍ଟ ପେସେଣ୍ଟ ବୋଲି ମୁଁ ଜାଣିଛି, ତମେ ଯଦି ତାଙ୍କ କଥା ନ ମାନିବ ତେବେ ତାଙ୍କ ଜୀବନ ବି ଯାଇପାରେ । ତମେ ମୋ କଥା ଜମା ବି ଚିନ୍ତା କରନି ମୁଁ ଯେଉଁଠି ବି ଅଛି ଭଲରେ ଅଛି

ଇତି ତୁମର ପ୍ରିୟ ବନ୍ଧୁ ଅଭିନାଶ

ଚିଠି ଟି ମୋନାଲିସାଙ୍କ ଲୁହରେ ସମ୍ପୂର୍ଣ ଭିଜିଯାଇଥିଲା । ସେ ଷ୍ଟୋର ରୁମରେ ବସି ଅତୀତର ସେଇ ଅସଜଡ଼ା କାନଭାସ କଥା ମନେ ପକାଉଥାନ୍ତି....



+ଶିକ୍ଷକ, ଓଡିଶା ଆଦର୍ଶ ବିଦ୍ୟାଳୟ
ସୁନ୍ଦରାପାଳ

# ଅଗ୍ନି ପରୀକ୍ଷା



## ବିଷ୍ଣୁ ପ୍ରସାଦ ଦାସ

ଶ୍ରାବଣୀ ନିଜ କାର୍ଯ୍ୟ ସାରି ଅଫିସରୁ ବାହାରକୁ ବାହାରି ଆସିଲା । ସେଣ୍ଟ୍ରାଲ ଏସିରୁ ବାହାରି ଆସି ଟିକେ ଚମକି ଗଲା, ଚାରିଆଡେ କଳା ମେଘ ଘୋଟି ଯାଇଛି ହୁଏତ କିଛି ସମୟ ପରେ ବର୍ଷା ହୋଇପାରେ । ପ୍ରତିଦିନ ଅଫିସରୁ ଫେରିବା ସମୟରେ ଶ୍ରାବଣୀ ଅଫିସ ବସ୍ ଯୋଗେ ଘରକୁ ଫେରିଥାଏ । ତେବେ ବସ ରାତି ୮ ଟା ସମୟରେ ଅଫିସ୍‌ରୁ ବାହାରେ , ଶ୍ରାବଣୀ ହାତରେ ଆଉ ୩୦ ମିନିଟ୍ ବାକି ଅଛି । ଏହି ସମୟ ଭିତରେ ଶ୍ରାବଣୀ ଅଫିସ ଗେଟ୍ ବାହାରକୁ ଯାଇ କଫି ଏବଂ କିଛି ସ୍ନାକ୍ସ କିଣି ଖାଇବାକୁ ଇଚ୍ଛା କଲା । ଅଫିସ ବାହାରକୁ ଯାଇ ଅନୁଭବ କଲା ବର୍ଷା ଟିକେ ଟିକେ ଆରମ୍ଭ ହୋଇ ଯାଇଛି । ସାଂଗରେ ଛତା ନାହିଁ ତେଣୁ ସେ ଟିକେ ଜୋର ଜୋର ପାଦ ପକାଇ କଫିସପ୍ ରେ ପହଞ୍ଚି ଗଲା । ଗରମ କଫି ସହିତ ସ୍ନାକ୍ସ କୋହଲା ବର୍ଷା ପାଗକୁ ଖୁବ୍ ଜରୁରୀ ଥିଲା ବୋଲି ତା’ର ମନେ ହେଉଥିଲା । ଏହା ମଧରେ ବର୍ଷାର ପ୍ରଭାବ ବଢିବାକୁ ଆରମ୍ଭ କରି ଦେଇଛି, ଶ୍ରାବଣୀ ବସ୍ ଷ୍ଟାଣ୍ଡ ପାଖକୁ ଦୌଡ଼ି ଦୌଡ଼ି ଆସିବା ସମୟରେ ସମ୍ପୂର୍ଣ୍ଣ ଓଦା ହୋଇଯାଇଛି । ଦୁର୍ଭାଗ୍ୟକୁ ୮ଟା ସମୟରେ ଛାଡିବାକୁ ଥିବା ଷ୍ଟାଫ ବସ୍‌ଟି ଚାଲି ଯାଇଛି । ପରବର୍ତ୍ତୀ ବସ ୧୦ଟା ସମୟରେ ଛାଡ଼ିବ, ସମ୍ପୂର୍ଣ୍ଣ ଓଦା ହୋଇ ବଡ଼ ବ୍ୟସ୍ତ ଲାଗୁଥିଲା ଶ୍ରାବଣୀକୁ, ଛୋଟ ରୁମାଲ୍ ଧରି ନିଜ ମୁହଁକୁ ପୋଛି ଅଗତ୍ୟା ବସ୍ ପାଇଁ ଅପେକ୍ଷା କରି ଥିଲା ।

ହଠାତ୍ ଗୋଟିଏ ଧଳା ରଙ୍ଗର ସ୍ୱିଫ୍ଟ କାର୍ ଆସି ତା ସମ୍ମୁଖରେ ଛିଡା ହେଲା, କାର ଭିତରୁ ଜଣେ ଯୁବକ ତାକୁ ଗାଡ଼ିରେ ବସିବାକୁ ଅନୁରୋଧ କଲେ।

ଶ୍ରାବଣୀ ପ୍ରଥମେ ମନା କରୁଥିଲା କିନ୍ତୁ ସେହି ଯୁବକଙ୍କ ବାରମ୍ବାର ଅନୁରୋଧ ତା’ ସହିତ ନିଜେ ଓଦା ହୋଇ ଥଣ୍ଡାରେ ଥରୁଥିବା ଯୋଗୁ ଗାଡ଼ିରେ ବାଧ ହୋଇ ବସିଲା । ତେବେ ସେହି ଯୁବକ ତାଙ୍କ ଅଫିସରେ କାର୍ଯ୍ୟ କରୁଥିବା ସମୀର ବିଶ୍ୱାସ ଯେ କି ତା’ ଠାରୁ ସିନିଅର୍ ପୋଷ୍ଟରେ କାର୍ଯ୍ୟ କରନ୍ତି । ସମୀର ଶ୍ରାବଣୀକୁ କହିଲା, ଶ୍ରାବଣୀ ତୁମେ ସମ୍ପୂର୍ଣ୍ଣ ଓଦା ହୋଇଯାଇଛ ବେଶି ସମୟ ଏପରି ରହିଲେ ହୁଏତ ଥଣ୍ଡା ଲାଗି ଯାଇପାରେ। ଯଦି କିଛି ମନେ ନ କର ମୋ ରୁମ୍‌କୁ ଯାଇ ଟିକେ ପୋଛା ପୋଛି ହୋଇ ଘରକୁ ଚାଲିଯିବ । ଶ୍ରାବଣୀ ରାଜି ନଥିଲା କିନ୍ତୁ ପରିସ୍ଥିତିକୁ ଦେଖି ଛୋଟ ‘ହଁ’ରେ ଉତ୍ତର ରଖିଥିଲା । ଗାଡିଟି ନିୟୁ ଟାଉନର ଏକ ସୁନ୍ଦର ଫ୍ଲାଟ ସାମ୍ନାରେ ରହିଲା । ଦୁହେଁ ଫ୍ଲାଟ ଭିତରକୁ ପ୍ରବେଶ କରିଲେ, ସମୀର ଗୋଟିଏ ନୂତନ ଗାମୁଛା ଆଣି ଶ୍ରାବଣୀକୁ ପୋଛା ପୋଛି ହେବାକୁ ଦେବା ସହିତ ଭିତରୁ ଗୋଟିଏ ଟି ସାର୍ଟ ଏବଂ ପ୍ୟାଣ୍ଟ ଆଣି ଦେଇଥିଲା । ଶ୍ରାବଣୀକୁ ବାଥ୍ ରୁମ୍ ଦେଖାଇ ଦେଇ ସମୀର କହିଲା ତୁମେ ଡ୍ରେସ ବଦଳାଇ ଦିଅ ତୁମ ଓଦା ଡ୍ରେସ ମୁଁ ପ୍ରେସ୍ କରି ଶୁଖାଇ ଦେବି ।

ପ୍ରାୟ ୧୦ ମିନିଟ୍ ପରେ ଶ୍ରାବଣୀ ଅନ୍ୟ ଏକ ରୂପରେ ବାଥ୍ ରୁମ୍ ଭିତରୁ ବାହାରି ଆସିଲା । ସମୀର ସେତେବେଳେ କିଚେନ୍‌ରେ ଚା’ କରିବାରେ ବ୍ୟସ୍ତ ଥିଲା । ହଠାତ୍ ଏକ ମନଲୋଭା ସୁଗନ୍ଧରେ ସେ ପଛକୁ ଚାହିଁ ଅବାକ ହୋଇଗଲା । ସଦ୍ୟ ସ୍ନାନ ସାରି ଧଳା ଟି ଶାର୍ଟ, ବରମୁଡା ପ୍ୟାଣ୍ଟ ପରିହିତା ଶ୍ରାବଣୀ ସତେ ଯେପରି ସ୍ୱର୍ଗର ଅପ୍ସରା ପରି ପ୍ରତୀୟମାନ ହେଉଥିଲା । ଦୁଇ କପ୍ ଚା’ ଧରି ସମୀର ଡ୍ରଇଂ ରୁମ୍ ଆସି ଗୋଟିଏ କପ୍ ଶ୍ରାବଣୀକୁ ଦେଇ ନିଜେ ଚା’ କପ୍‌ଟିକୁ ଧରି ସୋଫାରେ ବସିଗଲା । ବର୍ଷାର ପ୍ରକୋପ ବେଳକୁ ବେଳ ବଢୁଥିଲା, ଘଡ଼ଘଡ଼ି ବିଜୁଳି ପରିବେଶକୁ ଆହୁରି ଗମ୍ଭୀର କରି ଦେଉଥିଲା । ଅଗତ୍ୟା ଦୁହେଁ କିଛି ଆଳାପ କରିବାରେ ବ୍ୟସ୍ତ ଥିଲେ, ଶ୍ରାବଣୀ ନିଜ ମା’ଙ୍କୁ ଫୋନ କରି କହି ଦେଇଥିଲା ଯେ, ବର୍ଷା ଛାଡିଲେ ସେ ଅଫିସ୍ ଗାଡ଼ିରେ ଘରକୁ ଫେରିବ । ଦୁହେଁ ରାତ୍ରି ଭୋଜନକୁ ଉପଭୋଗ କରିବା ପରେ ଚାରି ଚକ୍ଷୁର ମିଳନ ଦୁଇଜଣଙ୍କୁ ସେଇ ଆଦମ୍-ଇଭ୍ ଯୁଗକୁ ନେଇ ଯିବା ପାଇଁ ନୀରବରେ ସମ୍ମତି ପ୍ରଦାନ କରୁଥିଲା । ଦୁଇଟି ମନର ଆବେଗ ନିକଟରେ ବିବେକର ବାଧା ସେତେବେଳେ ବୋଧ ହୁଏ ହାର ମାନି ଯାଇଥିଲା । ଦୁଇ ବିପରୀତ ଧର୍ମୀ ଚୁମ୍ବକୀୟ କ୍ଷେତ୍ର ସଦୃଶ ପରସ୍ପର ପରସ୍ପରର ନିକଟତର ହେବାକୁ ଚେଷ୍ଟା କରୁଥିଲେ । ଶେଷରେ ନାରୀ ପୁରୁଷ ଦୁହେଁ ନିଜର ଅନ୍ତରଙ୍ଗ ମୁହୂର୍ତ୍ତକୁ ଏଡାଇ ଯାଇ ପାରିନଥିଲେ । ଏକ କୁମାରୀ କନ୍ୟା ତା’ର ସ୍ୱଇଚ୍ଛାରେ ନିଜକୁ ଜଣେ ଯୁବକ ନିକଟରେ ସମର୍ପଣ କରି ଦେଇଥିଲା । ନିବିଡ଼ ଆଲିଙ୍ଗନ, ଦୁଇଟି ଶରୀରର ଉତ୍ତାପ ମନ ସହିତ ଶରୀରର ଅହେତୁକ ଆକର୍ଷଣ ମିଳନ ପାଇଁ ଯଥେଷ୍ଟ ଥିଲା । ଦୁଇଜଣଙ୍କର ସୁପ୍ତ କାମନା ଧୀରେ ଧୀରେ ଉଗ୍ର ରୂପ ନେଇ ଝଡ଼ ବର୍ଷା ରାତ୍ରୀରେ ଆଗ୍ନେୟଗିରିରୁ ଅଗ୍ନି ଉଦ୍ଗିରଣ ଆରମ୍ଭ ହୋଇ ଯାଇଥିଲା । କିଛି ସମୟ ପରେ ପରିବେଶ ଶାନ୍ତ ହୋଇ ଯାଇଥିଲା । ବାହାରେ ବର୍ଷା ମଧ ଥମି ଯାଇଥିଲା । ଚାରିଆଡେ ବର୍ଷା ପବନ ରଚି ଦେଇ ଯାଇଥିବା ଭଗ୍ନାବଶେଷ ସୂଚାଇ ଦେଉଥିଲା ଝଡ଼ର ଭୟାବହତା କେତେ ଥିଲା । ଝଡ଼ ବର୍ଷା ଦୁଇ ଜଣଙ୍କ ଜୀବନରେ କିଛି ଅଭୂଲା ସ୍ମୃତି ଏବଂ ପ୍ରଥମ ମିଳନର ସ୍ୱର୍ଗୀୟ ଅନୁଭୂତି ଏକ ଅଲିଭା କାଳିରେ ଲେଖିଦେଇଗଲା । ଦୁଇଟି ଶରୀର କ୍ଲାନ୍ତ, କେତେବେଳେ ଦୁଇଜଣ ନିଦ୍ରା ଦେବୀଙ୍କ କୋଳରେ ନିଜକୁ ହଜାଇ ଦେଇଥିଲେ ସେମାନେ ନିଜେ ବି ଜାଣି ନଥିଲେ ।

ସ୍ୱପ୍ନ ରାଜ୍ୟ ମଧ୍ୟରୁ ବାହାରି ଶ୍ରାବଣୀ ତର ତର ହୋଇ ନିଜର ଲୁଗା ପଟା ସଜାଡି ବାଥ୍ ରୁମ୍ ଚାଲିଗଲା । କିଛି ସମୟ ପରେ ଫ୍ରେସ୍ ହୋଇ ସମୀରକୁ ଡାକ ପକାଇଲା, ସମୀର , ସମୀର , ଆରେ ଉଠ ସକାଳ ହେବାକୁ ବସିଲାଣି, ମୋତେ ଟିକେ ଘରେ ଛାଡ଼ି ଦେଇ ଆସ । ସମୟ ସେତେବେଳେ ୫.୩୦ ହେବ ସେତେବେଳ ପର୍ଯ୍ୟନ୍ତ ସୂର୍ଯ୍ୟଦେବଙ୍କ ପ୍ରଥମ କିରଣ ଧରାପୃଷ୍ଠକୁ ଆଲୋକିତ କରିନାହିଁ । ସମୀର ଉଠିପଡ଼ି ଟିକେ ଫ୍ରେସ୍ ହୋଇ ଶ୍ରାବଣୀକୁ ତା’ ଘର ନିକଟରେ ଛାଡିବାକୁ ବାହାରିଲା । ଗାଡ଼ି ଚାଲିଛି, ଶ୍ରାବଣୀ ଆଗ ସିଟ୍‌ରେ ବସି କିଛି ଭାବୁଛି ବୋଧହୁଏ । ସୂର୍ଯ୍ୟଙ୍କର ପ୍ରଥମ ସୁନେଲି କିରଣ ଶ୍ରାବଣୀ ଉପରେ ପଡିବା କ୍ଷଣି ସମୀର କହି ଉଠିଲା ’ ଶ୍ରାବଣୀ ତୁମେ ଖୁବ୍ ସୁନ୍ଦର ଲାଗୁଛ, ଆଜି ତୁମକୁ ମୁଁ ଏକ ନୂତନ ରୂପରେ ଦେଖୁଛି । ତୁମ ସହିତ ଗୋଟିଏ ରାତ୍ରୀର ସମ୍ପର୍କ ମୋର ଜୀବନଧାରା ବଦଳାଇ ଦେଇଛି ବୋଲି ମୁଁ ଅନୁଭବ କରୁଛି । ଜାଣେନା ତୁମେ କ’ଣ ଭାବୁଛ ? ଭୂଲ ହେଉ ବା ଠିକ୍ ହେଉ ଗତ କାଲି ଯାହା ଘଟିଗଲା ତାହା ଏକ ସଂଯୋଗ ବା ଈଶ୍ୱରଙ୍କ ଇଚ୍ଛା ଥିଲା । କଥା ଦେଉଛି ମୁଁ କେବେବି ତୁମକୁ ପ୍ରତାରଣା କରିବି ନାହିଁ, ତୁମକୁ ମୋର ଜୀବନସାଥୀ କରିବାକୁ ଇଚ୍ଛା କରିଛି । ଶ୍ରାବଣୀ ତୁମେ ମୋତେ ଭୁଲି ଯିବ ନାହିଁ ତ ? ଗାଡ଼ି ଆସି ଶ୍ରାବଣୀ ଘର ସମ୍ମୁଖରେ ରହିଲା, ଶ୍ରାବଣୀ ସମୀରକୁ ଧନ୍ୟବାଦ କହି ଗାଡିରୁ ଓହ୍ଲାଇ ଗଲା । ଟିକେ ପଛକୁ ଚାହିଁ ଶ୍ରାବଣୀ ହସିଦେଲା, ସୂର୍ଯ୍ୟଙ୍କ ସୁନେଲି କିରଣରେ ଶ୍ରାବଣୀର ମୁହଁଟି ସ୍ୱର୍ଣ୍ଣିଳ ଦିଶୁଥିଲା । ସମୀର ଏକ ଲୟରେ ଶ୍ରାବଣୀର ଯିବା ବାଟକୁ ଚାହିଁ ଥିଲା । ହାତ ହଲାଇ ବାଏ ବାଏ କରି ଗେଟ ଖୋଲି ଶ୍ରାବଣୀ ଘର ଭିତରକୁ ଚାଲିଗଲା ।

ଏହା ଭିତରେ ଦୁଇଦିନ ବିତି ଯାଇଛି ସମୀର ସହିତ ଶ୍ରାବଣୀର ଦେଖା ହୋଇ ନାହିଁ । ସମୀର ମନ ଭିତରେ ଅନେକ ଚିନ୍ତା ଶ୍ରାବଣୀ ତାକୁ ପ୍ରତ୍ୟାଖାନ କରି ଦେଇନାହିଁ ତ ? ସେହି ଝଡ଼ ବର୍ଷା ରାତ୍ରୀର ଅତୀବ ଅନ୍ତରଙ୍ଗ ମୁହୂର୍ତ୍ତ ଗୁଡ଼ିକ ସମୀର ଆଖି ଆଗରେ ନାଚି ଯାଉଛି । ଶ୍ରାବଣୀ ସହିତ ବିତାଇଥିବା ପ୍ରତିଟି ମିନିଟ୍ ସମୀର ଭୂଲି ପାରୁନାହିଁ । ଜୀବନ ଏକ ରହସ୍ୟ ତାକୁ ଖୋଜି ତା’ର ମୂଳ ମନ୍ତ୍ର ଜାଣିବା କାଠିକର ପାଠ । ସମୀର ଫୋନ୍ କରି ଶ୍ରାବଣୀ ସହିତ ଟିକେ କଥା ହେବାକୁ ଅନୁରୋଧ କରିଛି, ଶ୍ରାବଣୀ ନିର୍ଦ୍ଧାରିତ ସ୍ଥାନରେ ସମୀରକୁ ଦେଖା କରିବାକୁ ଯାଇଛି । ଔପଚାରିକତା ଶେଷରେ ସମୀର ଶ୍ରାବଣୀକୁ ବିବାହ ପ୍ରସ୍ତାବ ଦେଇଛି । ଶ୍ରାବଣୀ ଖୁବ୍ ନମ୍ର ଭାବେ ଉତ୍ତର ଦେଇଥିଲା ଯେ, ତା’ର ବିଭାଘର ଠିକ୍ ହୋଇ ସାରିଛି, ଏପରିକି ନିର୍ବନ୍ଧ ମଧ ହୋଇ ଯାଇଛି । ତା’ର ଭାବି ସ୍ୱାମୀ ଅଷ୍ଟ୍ରେଲିଆରେ କାର୍ଯ୍ୟରତ, ବିବାହ ଆସନ୍ତା ମାସ ୧୭ ତାରିଖ ଧାର୍ଯ୍ୟ ହୋଇଛି । ଶ୍ରାବଣୀ କହି ଚାଲିଲା ମୁଁ ବିବାହ ପରେ ଅଷ୍ଟ୍ରେଲିଆ ଚାଲିଯିବି ତେଣୁ ସମୀର ମୋତେ କ୍ଷମା କରିଦିଅ, ମୁଁ ତୁମକୁ ବିବାହ କରି ପାରିବି ନାହିଁ । ଆଉ ଗୋଟିଏ କଥା ସେହି ଝଡ଼ ବର୍ଷା ରାତ୍ରୀରେ ଆମ ଜୀବନରେ ଯେଉଁ ଝଡ଼ ବୋହିଗଲା ତାକୁ ଆମେ ଦୁହେଁ ଭୂଲି ଯିବାକୁ ଚେଷ୍ଟା କରିବା । ସମୀର ତୁମେ ମୋତେ ଭୂଲ ବୁଝିବ ନାହିଁ ବୋଲି ଆଶା କରୁଛି । କ୍ଷଣିକ ଉତ୍ତେଜନାରେ ଆମେ କରିଥିବା ଭୂଲ ପାଇଁ ମୁଁ ମୋର ଭାବି ସ୍ୱାମୀଙ୍କୁ ପ୍ରତ୍ୟାଖ୍ୟାନ କରି ପାରିବି ନାହିଁ । ଆମ ପରିବାର ପାଇଁ ତାଙ୍କର ଅନେକ ଅବଦାନ ରହିଛି, ସେ ଆମ ପରିବାରର ଜଣେ ସଦସ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ମୋର ପିତାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ଆମକୁ ଅକୁଣ୍ଠିତ ଚିତ୍ତରେ ସହଯୋଗର ହାତ ବଢାଇଛନ୍ତି । ସମୀର ଯାହା ହୋଇ ଯାଇଛି ତା’ର ପୁନରାବୃତ୍ତି ନ ହେଉ ଏହାହିଁ ମୁଁ ଚାହେଁ । କଥା ଦିଅ, ସମୀର ତୁମେ ସର୍ବଦା ମୋର ପ୍ରିୟ ବନ୍ଧୁ ହୋଇ ରହିବ ଏବଂ ସେହି ଝଡ଼ ବର୍ଷା ରାତ୍ରୀର ରହସ୍ୟ କେବଳ ତୁମ ମୋ ଭିତରେ ସୀମିତ ରହିବ। ସମୀର ଚକ୍ଷୁ ଲୋତକ ପୂର୍ଣ୍ଣ ହୋଇ ଯାଇଥିଲା, ସେ ଜାଣି ନ ଥିଲା ଯେ ତା’ର ପ୍ରଥମ ପ୍ରେମ, ପ୍ରଥମ ଆଶା, ପ୍ରଥମ ବିବାହ ପ୍ରସ୍ତାବ ଏପରି ଭାବେ ଧୂଳିସାତ୍ ହୋଇଯିବ । ଶ୍ରାବଣୀ ସମୀରର ହାତ ଦୁଇଟି ନିଜ ହାତ ରେ ଧରି ବାରମ୍ବାର ଅନୁରୋଧ କରି ଚାଲିଥିଲା ଏବଂ ସମୀର ଆଖିରୁ ଖାଲି ଉତ୍ତପ୍ତ ଲୁହ ଝରି ଚାଲିଥିଲା ।



କିଛି ସମୟ ପରେ ଶ୍ରାବଣୀ ସମୀରଠାରୁ ବିଦାୟ ନେଇ ସବୁ ଦିନ ପାଇଁ ଚାଲିଗଲା .... ସମୀର ନୀରବରେ ଶ୍ରାବଣୀର ଯିବା ବାଟକୁ ଅନାଇ ରହିଥିଲା । ସମୀର ଭାବୁଥିଲା ମାତା ସୀତାଙ୍କ ଅଗ୍ନି ପରୀକ୍ଷା ଶ୍ରୀ ରାମ ନେଇଥିଲେ କିନ୍ତୁ ଶ୍ରାବଣୀ ଆଜି ତା’ର ଅଗ୍ନି ପରୀକ୍ଷା ନେଇଛି । ସମାଜ କ’ଣ କହିବ ନ କହିବ ତାକୁ ଗୁରୁତ୍ୱ ଦେବା ଜରୁରୀ ନା ନିଜ ପ୍ରଥମ ପ୍ରେମିକାକୁ କଥା ଦେବା ଜରୁରୀ ? ସମୀର ଶ୍ରାବଣୀର ଅନୁରୋଧକୁ ନିଶ୍ଚିତ ସମ୍ମାନ ଦେବ ବୋଲି ସଂକଳ୍ପ ନେଇ ନିଜର ଅଗ୍ନି ପରୀକ୍ଷା ଦେଇ ପାରିଛି ।

+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳ ,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରିଲେ ଚାଷୀ

ସମ୍ବଲପୁର, ୧୨/୪ (ନି.ପ୍ର): ସମ୍ବଲପୁର ଜିଲ୍ଲାର ଚାଷୀଙ୍କୁ ତୃତୀୟ ଟୋକନ ପରେ ଆଉ ଟୋକନ ଆସିଲାନି। ଫଳରେ ଚାଷୀଙ୍କ ପାଖରେ ଏବେବି ବିପୁଳ ପରିମାଣର ଧାନ ପଡି ରହିଛି ବୋଲି ଆଜି ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣିବେ ବୋଲି ସରକାର ପ୍ରତିଶୃତି ଦେବା ସହ ପୁଣି ୭ ଦିନ ସମୟ ବଢ଼ାଇଥିଲେ। ହେଲେ ଦିନ ପରେ ଦିନ ଗଲା, ହେଲେ ଧାନ କିଣିଲେ ନାହିଁ କି, ଟୋକନ ବି ଦେଲେ ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଆଗକୁ ରବି ଅମଳ ହେବାକୁ ଥିବାବେଳେ ଏବେବି ଖରିଫ ଧାନ ବିକ୍ରି ହୋଇ ନାହିଁ। ନିର୍ବାଚନ ବେଳେ ବହୁ ମନଗଢ଼ା ପ୍ରତିଶ୍ରୁତି ଚାଷୀଙ୍କୁ ଦେଇ ଶାସନ କଳକୁ ଆସିବା ପରେ ସରକାର ଯେଉଁ ପ୍ରତିଶ୍ରୁତିର ପ୍ରହସନ ଦେଖାଉଛନ୍ତି ତାହା କେବେ ବି ବରଦାସ୍ତ ଯୋଗ୍ୟ ନୁହେଁ ବୋଲି ଆଜି ଶତାଧିକ ଚାଷୀ ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିଛନ୍ତି। ଧାନ ବିକ୍ରି ଦିଗରେ ଯଥା ଶିଘ୍ର ସରକାର ନୀତିଗତ ନିଷ୍ପତି ନେଇ ଚାଷୀ ସମାଜକୁ ଆଶ୍ୱସ୍ତି କରନ୍ତୁ ବୋଲି ଆଜି ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟର ସମବେତ ଶତାଧିକ ଚାଷୀ ଖୋଲାଖୋଲି ଦାବି କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରିବା ସହ ଏକ ସୌଜନ୍ୟ ମୁଳକ ସାକ୍ଷାତକାର କରି ନିଜ ନିଜର ପାରିବାରିକ ଓ ଚାଷ ସମ୍ପର୍କିତ ସମସ୍ୟା ଅବଗତ କରାଇଥିଲେ।

# ଝାରସୁଗୁଡ଼ା ପୌରପାଳିକାର ୧୯ତମ କାଉନସିଲ୍ ବୈଠକ: ସହରର ବିକାଶ ପାଇଁ ଗ୍ରହଣ କରାଗଲା ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ

ଝାରସୁଗୁଡ଼ା, ୧୨/୦୪ (ନି.ପ୍ର): ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଆଜି ପୌର ଅଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ୧୯ତମ କାଉନସିଲ୍ ବୈଠକ ସୂଚାରୁରୂପେ ସମ୍ପନ୍ନ ହୋଇଯାଇଛି। ଏହି ବୈଠକରେ ଉପ-ଅଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ବଲବିନ୍ଦର ସିଂ ଏବଂ ସାଂସଦଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ଜନହିତକର କାର୍ଯ୍ୟ ଓ ଭିତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକର ପ୍ରାରମ୍ଭରେ ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସହରର ସମସ୍ତ ନର୍ଦ୍ଦମା ସଫା କରିବା ପାଇଁ ନିଷ୍ପତି ନିଆଯାଇଛି। ଏଥିସହ ସହରର ବିଭିନ୍ନ ସ୍ଥାନରେ ଥିବା ଫାଉଂଟେନ୍ ବା ଝରଣାଗୁଡ଼ିକର ମରାମତି ଏବଂ ସମସ୍ତ ୱାର୍ଡରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଆକଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ଓ ପଥିକମାନଙ୍କ ପାଇଁ ଅସ୍ଥାୟୀ ଟ୍ରାଫିକ ସେଡ୍ ନିର୍ମାଣ କରିବାକୁ ମଧ୍ୟ ସ୍ଥିର କରାଯାଇଛି। ସହରର ଭିତିଭୂମି ଓ ପରିବେଶ ସୁରକ୍ଷା ପାଇଁ କେତେକ ବୈପ୍ଲବିକ ପଦକ୍ଷେପ ଉପରେ ମୋହର ବାଜିଛି। ଝାଡ଼େଶ୍ୱର ମନ୍ଦିର ନିକଟରେ ଏକ ସୁଏଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ, ପୁରୁଣାବସ୍ତି ଜଳାଶୟର ପୁନରୁଦ୍ଧାର ଏବଂ ଡମ୍ପିଂ ୟାର୍ଡକୁ ଏକ ସବୁଜ ବଳୟରେ ପରିଣତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସର୍ବୋହାଲ ହାଇସ୍କୁଲ, ମନମୋହନ ସ୍କୁଲ ଏବଂ ଇଞ୍ଜିନିୟରିଂ ସ୍କୁଲ ନିକଟରେ ଥିବା ଖୋଲା ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯିବ। ଆଧୁନିକ ଜୀବନଶୈଳୀକୁ ଆଖିରେ ରଖି ସହରରେ ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ମଧ୍ୟ ଯୋଜନା ରହିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ପଂଚପଡ଼ା ଠାରେ ଏକ ୭୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ସହରର ଭୂମିହୀନ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇଦେବା ପାଇଁ ଆଲୋଚନା ହୋଇଥିଲା। ଏହା ବ୍ୟତୀତ, ସହରର ବିଭିନ୍ନ ସ୍ଥାନରେ ରାସ୍ତା ଓ ନାଳ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ବିଶେଷ ଭାବେ ବେଦାନ୍ତ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନରୁ ବକେୟା ଟିକସ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଛି। କାଉନସିଲ୍ ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଶେଷରେ, ପୌରପାଳିକାରେ ଥିବା କର୍ମଚାରୀ ଅଭାବ ଦୂର କରିବା ଏବଂ ୨୦୨୮ ସୁଦ୍ଧା ଅବସର ନେବାକୁ ଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଉଚ୍ଚ କର୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ସମସ୍ତ ୱାର୍ଡର କାଉନସିଲର ଓ ପୌରପାଳିକାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଲୋକକଳା ପାଇଁ ଦିନଟିଏ

ଚମ୍ପୁଆ, ୧୨/୪ (ନି.ପ୍ର): ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଚମ୍ପୁଆ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷର ୧୦ମ ଦିନରେ 'ଲୋକ କଳା ପାଇଁ ଦିନ ଟିଏ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା ପ୍ରମୁଖ ଯୋଗଦେଇ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ପାଂଚପୋଖରୀଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବାବେଳେ ପାଲା ଗାୟିକା ସୁଶ୍ରୀ ବୀଣାପାଣି ମହାରଣା ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ଭାଷା, ସଂସ୍କୃତି ଉପରେ ସଚେତନତା ମୂଳକ ପାଲା ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କ ସହିତ ବରିଷ୍ଠ ପାଲା ଗାୟକ ଉପେନ୍ଦ୍ର ନାଥ ନାୟକ, ସୁରଥ ଗିରି ଏବଂ କଳାକାର ବୁଲୁ ଆରୁଖ, ବାଜି ରାଉତ ବାରିକ, ବିଭୁତି ମହାରଣା, ପୂଜାରାଣୀ ଲୋହାରଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ମାନିତ କରି ସମର୍ଦ୍ଧିତ କରିଥିଲେ।

# ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ପାଳିତ

ବଲାଙ୍ଗିର, ୧୨/୦୪ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଯାଦବ ଭବନ ସମ୍ମୁଖରେ ଥିବା ମହାତ୍ମା ଜ୍ୟୋତି ରାଓ ଫୁଲେ ଏବଂ ମାତା ସାବିତ୍ରୀ ବାଇ ଫୁଲେଙ୍କ ନବନିର୍ମିତ ପ୍ରତିମୂର୍ତିରେ ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ୧୯୯ ତମ ଜୟନ୍ତୀ ଅବସରରେ ଅତିଥି କୌତୁକ ପଧର, ଅଧ୍ୟାପକ, ଟଙ୍କଧର ଗଡତ୍ୟା, ଅର୍ଜୁନ ମୁଗ୍ରୀ, ଅଶ୍ୱିନୀ ପୁଟେଲ ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରୋଜ କୁମାର ମେଶ୍ରା ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ପକ୍ଷରୁ ସବିତା ନନ୍ଦ ସବିତା ନାଗ, ସମାଜ ସେବା ଦଣ୍ଡୁଆ ସିତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରି ଏବଂ ବିଭିନ୍ନ ସଂଗଠନର ଉପସ୍ଥିତରେ ପ୍ରତିମୂର୍ତୀରେ ମାଲ୍ୟାର୍ପଣ ପରେ ଯାଦବ ଭବନ ବଲାଙ୍ଗୀର ସଭାଗୃହ ଠାରେ ସଭାନେତ୍ରୀ ସବିତା ନନ୍ଦଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।ଏହି ସଂଗଠନ ତଥା ପ୍ରତିମୂର୍ତ୍ତୀ ସ୍ଥାପନ ଦିଗରେ ସହଯୋଗ କରିଥିବା ଏବଂ ସମାଜ ସେବା ନିମିତ ବିଭିନ୍ନ ସାମାଜିକ କର୍ମକର୍ତାଙ୍କୁ ସମ୍ମାନିତ ମୁଖ୍ୟ ଅତିଥି କୌତୁକ ପଧର ଏବଂ ଉପସ୍ଥିତ ଅତିଥିମାନେ ସମ୍ମାନିତ କରିଥିଲେ।

# ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଏକଦିବସୀୟ ଆଲୋଚନାଚକ୍ର

ବଲାଙ୍ଗିର, ୧୨/୦୪ (ନି.ପ୍ର): ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ ଜୀବନୀ ଓ ସୃଷ୍ଟିସମ୍ଭାର ସଂପର୍କରେ ଏକ ଆଲୋଚନାଚକ୍ର ଏବଂ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପଧର ସଭାପତିତ୍ୱ କରିବା ସହିତ ଓଡ଼ିଆ ଜାତିର ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି ଡକ୍ଟର ପ୍ରହଲ୍ଲାଦ ଶତପଥୀ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ଜୀବନ ସଂଗ୍ରାମ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ତାଙ୍କର ନିଜସ୍ୱ ସୃଜନ ଯାତ୍ରା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଲେଖକ ତଥା ସାରସ୍ୱତ ସଂଗଠକ ରାଜେଶ ଝାଙ୍କର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଂପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଆ ଜାତିର ବରପୁତ୍ରମାନଙ୍କ ବିଚାରର ପ୍ରାସଙ୍ଗିକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଶ୍ରୀକାନ୍ତ କୁମାର ବାରିକ ମଂଚ ପରିଚାଳନା କରିବା ସହିତ ଓଡ଼ିଆ ପକ୍ଷ ପାଳନର ମହତ୍ୱ, ଅଭିଲକ୍ଷ୍ୟ ଏବଂ ଓଡ଼ିଆ ଜାତିର ଯୁଗଜନ୍ମ, ବରପୁତ୍ରମାନଙ୍କ ତ୍ୟାଗପୂତ ଜୀବନ ସଂପର୍କରେ ଆଲୋଚନା କରିଥିଲେ। ଯଥାକ୍ରମେ ଅଧ୍ୟାପକ ହୃଷୀକେଶ ଦାସ ଓଡ଼ିଆ ଜାତୀୟତା ଓ ଉତ୍କଳ ଗୌରବ ମଧୁସୂଦନ ଦାସ, ଅଧ୍ୟାପକ ଡକ୍ଟର ଅଶୋକ ମହାରଣା ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଅଧ୍ୟାପିକା ରମଣୀ ନାଏକ ଜାତୀୟତାବାଦୀ ଓଡ଼ିଆ କବିତା ସଂପର୍କରେ ଗଭୀର ଆଲୋଚନା କରିଥିଲେ। ପରିଶେଷରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି, ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ସ୍ୱରଚିତ ଏବଂ ଯୁଗଜନ୍ମା କବିଙ୍କ ଦ୍ୱାରା ରଚିତ କବିତା ପାଠ କରିଥିଲେ। ପରିଶେଷରେ ଅଧ୍ୟାପକ ସୁମନ୍ତ ରଣା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା ବ୍ୟବସ୍ଥା ଉପରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା, ୧୨/୪ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଖୋର୍ଦ୍ଧା ପକ୍ଷରୁ ନୂତନ ଭାବରେ ଯୋଗ ଦେଇଥିବା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି) ଓ ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ)ର କର୍ମକର୍ତାମାନଙ୍କ ପାଇଁ ଶିଶୁ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶୁକ୍ରବାର ଜିଲ୍ଲା ସଭାବନା ଗୃହରେ ଆୟୋଜିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ଅକାର ସୁରକ୍ଷା, ଜୁଭେନାଇଲ ଜଷ୍ଟିସ(ଜେଜେ) ଆଇନ, ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅବହେଳା ନିବାରଣ, ଏବଂ ସଠିକ୍ ପୁନର୍ବାସନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଅଲୋଚନା କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେଉରା କହିଥିଲେ ଯେ, ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷିତ ପରିବେଶ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ସିଡବ୍ଲ୍ୟୁସି ଓ ସିସିଆଇ କର୍ମକର୍ତାମାନେ ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳ ସ୍ତମ୍ଭ ଭାବେ କର୍ଯ୍ୟ କରନ୍ତି ଓ ଏହି ଅଭିମୁଖୀକରଣରେ କେସ୍ ମ୍ୟାନେଜମେଂଟ, ଶିଶୁଙ୍କ ସହ ମାନବିକ ବ୍ୟବହାର, ଏବଂ ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା ଏବଂ ଅତିରିକ୍ତ ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା ଭୁବନେଶ୍ୱରର ଅଧ୍ୟକ୍ଷା ଯଥାକ୍ରମେ କାନ୍ତା ମହାନ୍ତି ଏବଂ ମମତା ସାହୁ ଏବଂ ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହିତ ସମସ୍ତ ସିସିଆଇ ପ୍ରତିନିଧି ଏବଂ ଶିଶୁ ସୁରକ୍ଷା କ୍ଷେତ୍ରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ସମସ୍ତେ ଏହି ପ୍ରଶିକ୍ଷଣକୁ ଉପକାରୀ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପରାମର୍ଶଦାତ୍ରି ମନସ୍ୱିନୀ ମହାପାତ୍ର, ସାମଜିକ କର୍ମୀ ରଂଜନ କୁମାର ଗୋଛାୟତ, ରିତାଞ୍ଜଳୀ ମହାନ୍ତି, ଅର୍ଚ୍ଚନା ରାୟ, ଅଶୋକ କୁମାର ସେଠୀ ଏବଂ ସୁକାନ୍ତ କୁମାର ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୧୨/୦୪ (ନି.ପ୍ର): ସ୍ଥାନୀୟ ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟ ଠାରେ ନିଖିଳ ଓଡିଶା ଆଶା କର୍ମୀ ସଂଘର ଜିଲ୍ଲା ସଭାପତି ତଥା ରାଜ୍ୟ ଉପ-ସଭାପତି ତିର୍ଥ ପଧାନଙ୍କ ସଭାପତିତ୍ୱ ରେ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଗଠନ ର ରାଜ୍ୟ ସଭାପତି ବିଜୟ ନେତା ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି ଭାବେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଓମି ଗୁପ୍ତା ଓ ଉପଦେଷ୍ଟା ଦିଲିପ କୁମାର ଭୋଇ ମଂଚାସୀନ ଥିଲେ । ଉକ୍ତ ବୈଠକରେ ଯେବେଠାରୁ ଓଡିଶାରେ ବିଜେପି ଶାସିତ ଡବଲ ଇଞ୍ଜିନ ସରକାର କ୍ଷମତାସୀନ ହେଲାଣନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଠକ ଅନୁଷ୍ଠିତି ଆଶା କର୍ମୀମାନଙ୍କ ନିୟମିତ ପ୍ରୋତ୍ସାହନ ରାଶି ପ୍ରତ୍ୟେକ ମାସର ୧୦ ତାରିଖ ମଧ୍ୟରେ ଦେବାର ସରକାରୀ ପ୍ରାବଧାନ ଥିଲେ ମଧ୍ୟ ମାସ ମାସ ଧରି ମିଳୁ ନାହିଁ । ଗତ ବର୍ଷରୁ ଆୟୁଷ୍ମାନ ଭାରତ ଯୋଜନାରେ କାର୍ଯ୍ୟ କରିଥିବାର ଆଶାମାନଙ୍କ ତାଙ୍କ ପ୍ରୋତ୍ସାହନ ରାଶି ମିଳି ନାହିଁ । କିଶୋରୀ ବାଳିକାମାନଙ୍କୁ ଟୀକା ଦେବାରେ ଆଶା କର୍ମୀମାନଙ୍କୁ ଅଧିକ ଚାପ ପ୍ରୟୋଗ କରାଯାଉଛି ହେଲେ ସେହି କାର୍ଯ୍ୟକ୍ରମର ମଧ୍ୟ କୌଣସି ପ୍ରୋତ୍ସାହନ ରାଶି ଦିଆଯାଉ ନାହିଁ । ଯେଉଁ ସବ ସେଣ୍ଟର ଗୁଡିକରେ ସିଏଚ୍‌ଓ ନିଯୁକ୍ତି ହୋଇଛନ୍ତି ସେହି ସବ ସେଣ୍ଟର ଅଧୀନରେ ଥିବା ଆଶା କର୍ମମାନେ ମାସକୁ ୧୦୦୦ ଟଙ୍କା ପାଇବାର ପ୍ରାବଧାନ ଥିଲେ ମଧ୍ୟ ତାହା ମିଳୁ ନାହିଁ । ସମାଜକୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବଳେ ଆଶା କର୍ମୀଙ୍କ ନିଜ ତଥା ପରିବାର ବର୍ଗଙ୍କ ନାମରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ନାହିଁ । ଏପରି କି ରାସନ କାର୍ଡ ମଧ୍ୟ ଦିଆଯାଇନାହିଁ ବୋଲି ବୈଠକରେ ପ୍ରକାଶ କରିଥିଲେ।

# ନିମ୍ନମାନର ରାସ୍ତାକାମ ଅଭିଯୋଗ

ମାଲକାନଗିରି, ୧୨/୦୪ (ନି.ପ୍ର): ଗ୍ରାମୀଣ ଅଂଚଳରେ ନବନିର୍ମିତ ପିଚୁ ରାସ୍ତା କାମରେ ଦୁର୍ନୀତି ନେଇ ଗୁରୁତର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଠିକ୍ ଭାବରେ ହୋଇନଥିବାରୁ କିଛି ଦିନ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ଚିପ୍ସ ଗୋଡି ଉଠି ଯାଉଛି । ରାସ୍ତାରୁ ସମ୍ପୂର୍ଣ୍ଣ ଚିପ୍ସ ଉଠି ଏକାଠି ଠୁଳ ହୋଇଯାଉଛି । ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ପୁସୁଗୁଡା ପଂଚାୟତ ଅନ୍ତର୍ଗତ ଏମ.ପି.ଭି.-୫୫ ଛକରୁ ମାଲାଭାରମ୍ ପଂଚାୟତ ଛକ ପର୍ଯ୍ୟନ୍ତ ପ୍ରାୟ ୧.୮ କି.ମି. ରାସ୍ତା କାମକୁ ନେଇ ଉଠିଛି ଗୁରୁତର ଅଭିଯୋଗ। ଏମ.ପି.ଭି-୫୫ ,ଏମ.ଭି-୧୨୮, ଏ ମ.ଭି-୮୮ ଏହି ସବୁ ଗ୍ରାମକୁ ସଂଯୋଗ କରୁଥିବା ଓ ମାଲାଭାରମ୍ କୁ ସଂଯୋଗ କରୁଥିବା ଏହି ରାସ୍ତାର କାମ କେବଳ ୨୦ ଦିନ ପୂର୍ବରୁ ସମାପ୍ତ ହୋଇଥିବା ସତ୍ତ୍ୱେ, ଏହାର ଗୁଣବତା ନେଇ ଏବେ ପ୍ରଶ୍ନ ଉଠିଛି। ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଠିକ୍ ନିୟମ ମାନି କାମ ନକରିବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ପିଚୁ ମାତ୍ରା ଅତି କମ ଥିବାରୁ ରାସ୍ତା ତମାମ ଚିପ୍ସ ଖେଳେଇ ହୋଇଯାଇଛି, ଯାହାକି ଦୁଇ ଚକିଆ ଯାନ ପାଇଁ ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ବଢ଼ାଉଛି । ବର୍ଷା ଆସିବା ପୂର୍ବରୁ ଏଭଳି ରାସ୍ତାର ଅବସ୍ଥା ଲୋକଙ୍କୁ କଷ୍ଟ ଦେଉଛି । ସ୍ଥାନୀୟ ଅଂଚଳର ଗ୍ରାମ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା କାମ ସମୟରେ ମଧ୍ୟ ନିମ୍ନମାନର କାମ ହେଉଥିବାକୁ ନେଇ ଏମ.ଭି. ୧୨୮ ଗ୍ରାମବାସୀ ଅନେକ ପ୍ରତିବାଦ କରିଥିଲେ ହେଲେ କେହି କର୍ଣ୍ଣପାତ କରିନଥିଲେ । ବିନା କୌଣସି କାର୍ଯ୍ୟ ଫଳକରେ କାର୍ଯ୍ୟ ତରବରିଆ ଭାବେ ସମାପ୍ତ କରାଯାଇଛି। ବର୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ଖରାପ ନିର୍ମାଣର ପ୍ରମାଣ ଦେଖିବାକୁ ମିଳୁଛି, ଯାହା ଯାତାୟାତକୁ ବିପଦଜନକ କରିଛି। ଲୋକମାନେ ଦାବି କରିଛନ୍ତି ଯେ, ଏହି କାମର ଗୁଣବତା ଯାଂଚ୍ କରାଯାଇ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ସ୍ଥାନୀୟ ପ୍ରଶାସନଙ୍କ ଧ୍ୟାନ ଆକର୍ଷଣ ପାଇଁ ଲୋକମାନେ ଏହାକୁ ଏକ ଗୁରୁତର ସମସ୍ୟା ଭାବେ ଉଠାଇଛନ୍ତି। ଶୀଘ୍ର ରାସ୍ତାର ପୁନଃମରାମତି ଓ ଉଚ୍ଚ ମାନର କାମ କରାଯିବାକୁ ଅଂଚଳ ବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ମୁଖୀଗୁଡା-ମହୁଲପାଟଣା ଘାଟି ରାସ୍ତା ନିର୍ମାଣରେ ହରିଲୁଟ ସ୍ଥିତି ପରଖିଲେ ଲାଞ୍ଜିଗଡ଼ ବିଧାୟକ

ମୁଖୀଗୁଡା, ୧୨/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ମୁଖୀଗୁଡା ଠାରୁ ମହୁଲପାଟଣା ଘାଟି ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେବା ପରେ ଶୁକ୍ରବାର ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଗସ୍ତ କରି ସ୍ଥିତି ପରଖିଛନ୍ତି ଓ ରାସ୍ତା କାମ ନିମ୍ନମାନର ନହେବାକୁ ଅଧିକାରୀ ମାନଂକୁ ତାଗିଦ କରିଛନ୍ତି।

ଉପର ଇନ୍ଦ୍ରାବତୀ ପ୍ରକଳ୍ପଅଧୀନରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର କାର୍ଯ୍ୟ ଅତି ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ଦୀର୍ଘ ବର୍ଷ ଧରି ଏହି ରାସ୍ତା ଶୋଚନୀୟ ହୋଇ ପଡ଼ିଥିଲା। ଫଳରେ ଥୁଆମୂଳ ରାମପୁର ବ୍ଲକର ଅନେକ ପଞ୍ଚାୟତ ସହ ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଲୋକେ ଯାତାୟାତରେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଇନ୍ଦ୍ରାବତୀ ଡେମ ଅବା ପାୱାର ହାଉସ ପରିଦର୍ଶନ ପାଇଁ ଏଠାକୁ ବର୍ଷସାରା ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ, କିନ୍ତୁ ଖରାପ ରାସ୍ତା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଜନସାଧାରଣଙ୍କ ଦାବି ଓ ଲାଞ୍ଜିଗଡ଼ ବିଧାୟକଙ୍କ ହସ୍ତକ୍ଷେପ ପରେ କେପେକ୍ସ ଫଣ୍ଡରୁ ୮ କୋଟି ଟଙ୍କା ମଞ୍ଜୁର ହୋଇଛି। ୧୩ କିଲୋମିଟର ରାସ୍ତାକୁ ୪ଟି ସେକ୍ସନରେ ବିଭକ୍ତ କରାଯାଇଛି। ୫ ମିଟର ଓସାରର ରାସ୍ତାରେ ଡବ୍ଲୁଏମଏମ, ୫୦ ଏମଏମର ବିଏମ ଏବଂ ୨୫ ଏମଏମର ଏଚଡିବିସି ସହ ଟେଗ୍ କୋଟ୍ ରହିବା କଥା। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ,ଠିକାଦାରମାନେ ସରକାରୀ ନିୟମକୁ ଫୁ କରି ଉଡ଼ାଇ ଦେଉଛନ୍ତି।ପୁରୁଣା ରାସ୍ତା ଖୋଳିବା ପରେ ଠିକ୍ ଭାବେ ରୋଲିଂ କରାଯାଉ ନାହିଁ। ଏଷ୍ଟିମେଟ ଅନୁଯାୟୀ ଡବ୍ଲୁଏମଏମ ନଦେଇ ସିଧାସଳଖ ପିଚୁ କରାଯାଉଛି। ବ୍ୟବହୃତ ପିଚୁର ମାନ ଅତ୍ୟନ୍ତ ଖରାପ, ଯାହା ନିର୍ମାଣ ଶେଷ ହେବା ପୂର୍ବରୁ ହିଁ ନଷ୍ଟ ହେବାକୁ ବସିଲାଣି।ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଇନ୍ଦ୍ରାବତୀ ପ୍ରକଳ୍ପର ଯନ୍ତ୍ରୀମାନେ ସବୁ ଜାଣି ମଧ୍ୟ ନିରବ ଦ୍ରଷ୍ଟା ସାଜିଛନ୍ତି। ଅଭିଯୋଗ କଲେ ମଧ୍ୟ ସେମାନେ ବିଭିନ୍ନ ବାହାନା ଦେଖାଇ ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି।ସାଧାରଣ ଜନତା ଏହି ରାସ୍ତା ନିର୍ମାଣର ଏକ ଉଚ୍ଚସ୍ତରୀୟ ତଦନ୍ତଏବଂ ଦୋଷୀ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବାପରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ପହଞ୍ଚି ଅଧିକାରୀ ମାନଙ୍କୁ ନିମ୍ନମାନର କାମ ନ କରିବାକୁ ତାଗିତ କରିଛନ୍ତି।ଏନେଇ ଏସ ଡିଓ ବିଶ୍ୱନାଥ ସୋରେନଙ୍କୁ ପଚାରିବାରୁ ପିଚୁ ହେବା ସାଙ୍ଗେ ସାଙ୍ଗେ ଭାରି ଯାନ ଚଳାଚଳ ହେଉଥିବାରୁ ବୁଲାଣିରେ ପିଚୁ ଦବି ଯାଉଥିବା ପ୍ରକାଶ କରିଥିଲ ।ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଚିମିଳା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଚମ୍ପୁଆ, ୧୨/୦୪ (ନି.ପ୍ର): ଚମ୍ପୁଆ ବ୍ଲକ ଚିମିଳା ସରସ୍ୱତୀ ଶିଶୁ ମନ୍ଦିରରେ ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଗନୁ ଚରଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂହ, ଚମ୍ପୁଆ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଝରଣା ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମାଗୁଣୀ ଚରଣ ପାତ୍ର, ସମ୍ପାଦକ ଶୁଭେନ୍ଦୁ ମହାନ୍ତ , ପ୍ରଧାନଆଚାର୍ଯ୍ୟ ଅକ୍ଷୟ କୁମାର ନାଏକ ଆଦି ମଞ୍ଚାସୀନ ଥିଲେ । ଅତିଥି ମାନେ ନିଜ ଅଭିଭାଷଣରେ ବର୍ତ୍ତମାନ ଆଧୁନିକ ଯୁଗରେ ନୈତିକ ଶିକ୍ଷାର ବିକାଶ ଓ ଦେଶଗଠନର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ । ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହୋଇ ଉତ୍ତମ ଶିକ୍ଷା ଗ୍ରହଣ କଲେ ଦେଶ ଆଗେଇବା ସହିତ ସରକାରଙ୍କ ବିକଶିତ ଭାରତ ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରା ଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ରଙ୍ଗାରଙ୍ଗ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସେବକ ସେବିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଚମ୍ପୁଆ, ୧୨/୦୪ (ନି.ପ୍ର): ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମହାବିଦ୍ୟାଳୟ ଜାତୀୟ ସ୍ୱେଚ୍ଛାସେବା ଯୋଜନା ଓ ଯୁବରେଡକ୍ରସର ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜାତୀୟ ସେବା ଯୋଜନାର କେନ୍ଦୁଝର ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ସୁନିଲ କୁମାର ସାହୁ ପ୍ରଥମେ ଯୋଗଦାନ କରି ରକ୍ତଦାନ କରିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଦୀପ୍ତିରଞ୍ଜନ ଖଟୁଆ, ରଞ୍ଜନ କୁମାର ଜେରେଇ, ଗୁପ୍ତେଶ୍ୱର ମାଝୀ, ବିଜୟ ଭୁଏ, ଫକିର ମୋହନ ମାଝୀ ପ୍ରମୁଖ ରକ୍ତଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ତଥା ଯୁବରେଡକ୍ରସ କାର୍ଯ୍ୟକାରିଣୀ ଅଧିକାରୀ ରୀତା ଚାତାର, ସୁବ୍ରତ ବାଗ ଆଦି ପରିଚାଳନା କରିଥିଲେ । ଏଥିରେ ପ୍ରାୟ ୩୦ ୟୁନିଟ ରକ୍ତ ନମୁନା ସଂଗୃହିତ ହୋଇଥିଲା ।

# ଆସନ୍ତା ୧୫ରୁ ଦକ୍ଷିଣ କାଳୀ ପୀଠରେ ୧୫ତମ ବାର୍ଷିକ ପ୍ରବଚନ

ଭୁବନ, ୧୨/୦୪ (ନି.ପ୍ର): ଭୁବନର ପ୍ରସିଦ୍ଧ ଶକ୍ତିପୀଠ ବୁଢେଶ୍ୱର ରାସ୍ତାରେ ଅବସ୍ଥିତ ଶ୍ରୀ ଶ୍ରୀ ଦକ୍ଷିଣ କାଳୀ ପୀଠରେ ଆସନ୍ତା ୧୫ ତାରିଖ ବୁଧବାର ଠାରୁ ୨୧ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ୧୫ତମ ବାର୍ଷିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ମାଳିକା ସମୀକ୍ଷକ ପ୍ରବଚକ ବିରେନ୍ଦ୍ର ପଣ୍ଡା, ମାଳିକା ବିଚାରକ ପ୍ରବଚକ ମାନସ ଦାଶ, ପ୍ରବଚକ ଦିବାକର ଦାସ, ଭାଗବତ ବିଚାରକ ନୃସିଂହ ଚରଣ ଦାସ ଏବଂ ତପସ୍ୱିନୀ ପାଢ଼ୀ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି ।

# ମଦ ବନ୍ଦ ପାଇଁ ଅଂଟା ଭିଡ଼ିଲେ ତିନି ଖଣ୍ଡ ଗାଁର ମହିଳା

ଜୟପୁର, ୧୨/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଂଚଳରେ ପୁଣି ତେଜିଲା ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ। ନିଜ ଅଂଚଳରେ ବେଆଇନ ମଦ ବିକ୍ରିକୁ ବିରୋଧ କଲେ ଶହ ଶହ ମହିଳା। ମଦ ବ୍ୟବସାୟୀଙ୍କୁ ନିଜ ଅଂଚଳରେ ମଦ ବିକ୍ରି କରିବା ପାଇଁ କହିବାରୁ ସେ ବ୍ୟବସାସୀ ଜଣକ, ମହିଳା ମାନଙ୍କୁ ବେଖାତିର କରି ମଦ ବିକ୍ରିକୁ ଜାରି ରଖିଛି। ଯାହାଫଳରେ ଏବେ ସମସ୍ତ ମହିଳା ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି ବୋରିଗୁମ୍ମା ଥାନା ପୂଜାରୀପୁଟ ପଂଚାୟତରୁ। ଏହି ପଂଚାୟତର ଡାଙ୍ଗରିଆଗୁଡା, ନୂଆଗୁଡା ଓ ଖୁଂଟଗୁଡା ଗାଁ ରେ ବେଆଇନ ମଦ ବିକ୍ରି ଚାଲୁଛି। ଏହି ମଦ ବିକ୍ରିକୁ ବନ୍ଦ କରିବା ପାଇଁ ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଘରେ ଘରେ ଦେଶୀ ମଦ ଭାସୁଛି। ଏସବୁ ବ୍ୟବସାୟକୁ ବନ୍ଦ କରିବା ପାଇଁ ମହିଳାମାନେ ଏକତ୍ରିତ ହୋଇଛନ୍ତି। ମଦ ପାଇଁ ପରିବାର ଅର୍ଥନୀତି ଭାଙ୍ଗିପଡୁଛି ଓ ଘରୋଇ ହିଂସା ବୃଦ୍ଧି ପାଉଛି। ମଦ ପିଇ ସ୍ୱାମୀମାନେ ଘରକୁ ଆସି ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଘରେ ଖାଇବାକୁ ନଥିଲେ ମଧ୍ୟ ସେଥିପାଇଁ କୌଣସି ଚିନ୍ତା ନଥାଏ, କିନ୍ତୁ ମଦ ପାଇଁ ଟଙ୍କା ଖର୍ଚ୍ଚ କରି ମତୁଆଳ ଅବସ୍ଥାରେ ଘରେ ଅସନ୍ତୋଷ ଓ ଅଶାନ୍ତି ସୃଷ୍ଟି ହେଉଛି। ମଦ ଦୋକାନୀଙ୍କୁ ନିବେଦନ କଲେ ସେମାନେ ଅଭଦ୍ର ଭାଷାରେ ଗାଳି କରିବା ସହ ଧମକ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

# ଓଡିଆ ପକ୍ଷ ପାଳନରେ ତୁଡିଗଡିଆରେ ଫାଣ୍ଡି ଓ ବ୍ଲକ ପ୍ରତିଷ୍ଠା ଦାବି ତେଜିଲା

ଖଇରା, ୧୨/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରକ୍ତତୀର୍ଥ ତୁଡିଗଡିଆ ଠାରେ ରବିବାର ଦିନ ଶହୀଦ ଭବନ ପରିସରରେ ଓଡିଆ ପକ୍ଷ ପାଳନ ବେଳେ ଅତିଥି ମାନେ ଭାଷା ସୁରକ୍ଷା ପାଇଁ ସୁଚିନ୍ତିତ ପରାମର୍ଶ ଦେବା ସହ ତୁଡିଗଡିଆ ଠାରେ ଫାଣ୍ଡି ଓ ବ୍ଲକ ପ୍ରତିଷ୍ଠା ର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି । ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବର୍ତ୍ତମାନ ଉଦାରିକରଣ ଅର୍ଥନିତି ନାମରେ ପାଶ୍ଚାତ୍ୟ ସଂସ୍କୃତି ଆମକୁ କବଳିତ କରିସାରିଲାଣି । ଯାହାଫଳରେ ଓଡିଆ ସଂସ୍କୃତି ଆଜି ହଜିଯିବାକୁ ବସିଛି ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ସଭ୍ୟ ଲୋକନାଥ ପଣ୍ଡା,ସରପଞ୍ଚ ମଦନମୋହନ ସାନ୍ତରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଯୁଧିଷ୍ଠିର ମହାରଣା ବିବରଣୀ ପାଠ କରିଥିଲେ । ଏହି ଅବସରରେ ମଞ୍ଚ କାର୍ଯ୍ୟକର୍ତ୍ତା । ରାଧାକାନ୍ତ ପଣ୍ଡା,ଉପେନ୍ଦ୍ର ପାଢୀ ପ୍ରମୁଖଙ୍କ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯାଇଥିଲା । କବି ଦୁର୍ଗାମାଧବ ଜେନା ଓ ଅର୍ଜୁନ ଚରଣ ଶିଅଳଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ସହ ବର୍ଣ୍ଣବୋଧ ପ୍ରତିଯୋଗିତାରେ କୃତିତ୍ୱଲାଭ କରିଥିବା ଛାତ୍ରୀ ଆଦ୍ୟାଶା ବେହେରା,ଦିପାଳୀ ବୁଗୁଡାଇ ଓ କାଜଲ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଇସଲାମାବାଦରେ ...

କୌଣସି ଜାହାଜକୁ ହର୍ମୁଜରେ ପ୍ରବେଶ କରିବାକୁ କିମ୍ବା ସେଠାରୁ ବାହାରିବାକୁ ଅନୁମତି ଦେବୁ ନାହିଁ । ଟ୍ରମ୍ପ୍ ଏହା ସୋସିଆଲ ମିଡିଆରେ ଲେଖିବା ପରେ ପୁଣି ଥରେ ସାରା ବିଶ୍ୱରେ ଚିନ୍ତା ପ୍ରକାଶ ପାଇଛି । ହର୍ମୁଜ ଦେଇ ଭାରତ ସମେତ କେତେକ ଦେଶର ଜାହାଜ ଚଳାଚଳ ପାଇଁ ଅନୁମତି ଦେଇଥିଲା ଇରାନ୍ । ଦୈନିକ ୧୫ଟି ଜାହାଜ ଛାଡ଼ିବାକୁ ଘୋଷଣା କରିଥିଲା । ହେଲେ ଟ୍ରମ୍ପଙ୍କ ଧମକ ପରେ, ଶକ୍ତି ସଂକଟ ଆହୁରି ଘନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ସମାପ୍ତ ହେଲା ସଂଗୀତ ...

ଆଇଏ ମେହେରବାଁ... ଇନ ଆଖୋଁକେ ମସ୍ତି ମେ... ପିୟା ତୁ ଅବ୍ ତୋ ଆଜା... ମୁଝକୋ ହୁଇନା ଖବର... ରଙ୍ଗୀଲା ରେ... । ହିନ୍ଦୀ ଫିଲ୍ମରେ ଏଭଳି ଅଗଣୀତ ଗୀତ ଚିର ସବୁଜ ପାଲଟିଛି ତାଙ୍କ ଯାଦୁକରୀ କଣ୍ଠରେ । ପ୍ରାୟ ୨୦ଟି ଭାଷାରେ ଗୀତ ଗାଇଥିବା ଆଶା ଭୋସଲେ ଓଡ଼ିଆ ଗୀତରେ ବି ଛାଡ଼ିଛନ୍ତି ନିଜର ସନ୍ତକ । .. ଜହ୍ନ ଗୋ ତୁମେ ଝୁରନା, ଝିମି ଝିମି ତା ମଜା, ତୋ ନାଁରେ ପିନ୍ଧିଲି ଚୁଡ଼ି, ମଇନା ମଇନା, ମଣିମା ଆଦି ଗୀତରେ ସେ କରିଥିଲେ କଣ୍ଠଦାନ । ମାତ୍ର ୧୬ ବର୍ଷ ବୟସରେ ସଂଗୀତ କ୍ୟାରିୟର ଆରମ୍ଭ କରିଥିଲେ ଆଶା । ଓପି ନାୟାରଙ୍କ ଠାରୁ ଅରଡି ବର୍ମନ୍ ଓ ଏ.ଆର. ରେହମାନଙ୍କ ଭଳି ସଂଗୀତ ନିର୍ଦ୍ଦେଶକ... ଶର୍ମିଳା ଟାଗୋର, ଆଶା ପାରେଖ, ରେଖାଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ପିଢ଼ିର ଉର୍ମିଳା, କରିସ୍ମା ଓ ଐଶ୍ୱର୍ଯ୍ୟା । ଏଭଳି ଅନେକ ଅଭିନେତ୍ରୀଙ୍କ ପାଇଁ ଗାଇଛନ୍ତି ଆଶା । ଯାହା ତାଙ୍କୁ ଆଣି ଦେଇଥିଲା ୨ ଥର ଜାତୀୟ ପୁରସ୍କାର, ୧୮ ଥର ମହାରାଷ୍ଟ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୭ ଥର ପ୍ରଛଦପଟ୍ଟ ଗାୟିକା ଭାବେ ଫିଲ୍ମଫେୟାର ସହ ଜୀବନବ୍ୟାପୀ ସାଧନା ସମ୍ମାନ । ୨୦୦୦ ମସିହାରେ ଦାଦାସାହେବ ଫାଲକେ ପୁରସ୍କାର । ଆଉ ତା ସହ ୨୦୦୮ରେ ପଦ୍ମ ବିଭୂଷଣ ସମ୍ମାନ । ଇତାହସରେ ସର୍ବାଧିକ ଗୀତ ଗାଇବା ପାଇଁ ୨୦୧୧ରେ ତାଙ୍କ ନାମ ସ୍ଥାନ ପାଇଥିଲା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ।

## ଆଇଟିଆଇ ପଡ଼ିଆରେ...

କରିଥିବା ବେଳେ ଉପସଭାପତି ସୁଶାନ୍ତ କୁମାର ଦାସ ଶେଷରେ ସମସ୍ତଙ୍କ ଧନ୍ୟବାଦ ଦେଇଥିଲେ । ପ୍ରହ୍ଲାଦ ସିଂ, ସନ୍ଦୀପ କୁମାର ଦାସ, ଶାନ୍ତନୁ କୁମାର ଦାସ, ସୁଶୀଳ ଜେନା ପ୍ରମୁଖ କାର୍ଯ୍ୟକର୍ତ୍ତା ଏଥିରେ ମଞ୍ଚାସୀନ ଥିଲେ । ସଭା ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ଖ୍ୟାତନାମା କଳାକାରଙ୍କ କଣ୍ଠର ସ୍ୱରରେ ସମସ୍ତେ ବିମୁଗ୍ଧ ହୋଇଥିଲେ ।

## ଥାନାରେ କାମ କରୁନି ...

ଘଣ୍ଟା କାର୍ଯ୍ୟକ୍ଷମ ରହିବା ଅପରିହାର୍ଯ୍ୟ। କିନ୍ତୁ ଥାନା ଗୁଡିକରେ କ୍ୟାମେରା କାମ କରୁନଥିବାରୁ ସେଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ତୁରନ୍ତ ସଜାଡ଼ିବାକୁ ଚିଠିରେ ଲେଖାଯାଇଛି। ସେପଟେ ମୁକୁଳା ପଡ଼ିଛି ଉପକୂଳ। ପୁରୀରୁ ଅସ୍ତରଙ୍ଗ, କେନ୍ଦ୍ରାପଡ଼ାରୁ ଧାମରା କେଉଁଠି ନାହିଁ ସିସିଟିଭି । ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ରକୂଳର। ଏଠାରେ ନୂଆଗଡ଼ ମାଛଧରା ବନ୍ଦର ସାଙ୍ଗକୁ ପୀର ଜାହାନିଆ ପର୍ଯ୍ୟଟନସ୍ଥଳୀ ରହିଛି। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଯଦି କିଏ କେଉଁ ସମୟରେ ଅପରାଧ ଘଟାଏ, ତେବେ ସେମାନଙ୍କୁ ଧରିବା ପୋଲିସ ପାଇଁ କାଠିକର ପାଠ୍ ହେବ। କାରଣ ସମୁଦ୍ର କୂଳରେ ନାହିଁ ସିସିଟିଭି। ଭୁବନେଶ୍ୱରରୁ ସନ୍ଦିଗ୍ଧ ଆତଙ୍କବାଦୀ ଧରାପଡିବା ପରେ ଜଳପଥରେ ଆତଙ୍କୀ ଅନୁପ୍ରବେଶର ଆଶଙ୍କା ରହିଛି।

# ଭିନ୍ନକ୍ଷମଙ୍କ ପାଇଁ ପ୍ରଶାସନର ତତ୍ପରତା: ମିଳିଲା ଶ୍ରବଣ ଯନ୍ତ୍ର, ଆଗକୁ ବକେୟା ଭତ୍ତା

ବାଲିଆପାଳ , ୧୨/୪ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଆବଶ୍ୟକତା ଅନୁସାରେ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିବାର ବ୍ୟବସ୍ଥା ରହିଛି କିନ୍ତୁ ତୃଣମୂଳ ସ୍ତରରେ ଅନେକ ହିତାଧିକାରୀ ଏହି ସୁବିଧା ବିଷୟରେ ଅବଗତ ନ ଥିବାରୁ ଆବଶ୍ୟକ ଉପକରଣ ପାଇଁ ଧାର କରଜ କରି ଅର୍ଥନୈତିକ ଭାର ବହନ କରୁଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ମହାବଳା ଗ୍ରାମର ପାର୍ଥ ସାରଥୀ ସାମଲ ଦୀର୍ଘଦିନ ଧରି ଶ୍ରବଣ ଶକ୍ତି ହରାଇ ଅସୁବିଧାରେ ଜୀବନଯାପନ କରୁଥିଲେ ରିକ୍ସା ଚାଳକ ଭାବେ କାମ କରୁଥିବା ସେ ନିଜ କାନରେ ସଠିକ ଭାବେ ଶୁଣିପାରୁନଥିଲେ ସେହିପରି ଏହି ପଞ୍ଚାୟତର ଶଙ୍କର ମୁର୍ମୁ ମଧ ଦୀର୍ଘ ଏକ ବର୍ଷ ଧରି ମାନସିକ ଯନ୍ତ୍ରଣାରେ ଦିନ କାଟୁଥିଲେ ଉଭୟଙ୍କ ପାଖରେ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ସେମାନେ ଏକ ବର୍ଷ ଧରି ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ରହିଥିଲେ ଏହି ସମସ୍ୟା ବିଷୟରେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଜାଣିବା ପରେ ସେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅନଲାଇନ ପ୍ରମାଣପତ୍ର ଯୋଗାଇଦେବା ପାଇଁ ଗୁହାରି କରିଥିଲେ ପରେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଉଭୟଙ୍କ ପାଇଁ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତି ହୋଇଥିଲା ଶ୍ରୀ ପାତ୍ର ପୁଣି ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସଙ୍କୁ ପାର୍ଥ ସାରଥୀ ସାମଲଙ୍କ ପାଇଁ ଏକ ଶ୍ରବଣ ଯନ୍ତ୍ର ଯୋଗାଇଦେବା ଏବଂ ଦୁଇ ଭିନ୍ନକ୍ଷମଙ୍କୁ ଭତ୍ତା ପୁନଃ ଚାଲୁ କରିବା ପାଇଁ ଅନୁରୋଧ କରିଥିଲେ ବିଡ଼ିଓ ଶ୍ରୀ ଦାସ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥୀ ସାହୁଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ ପାଇଁ ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀ ସାହୁ ମଧ ତୁରନ୍ତ ପଦକ୍ଷେପ ନେଇ ପାର୍ଥ ସାରଥୀ ସାମଲଙ୍କ ପାଇଁ ଶ୍ରବଣ ଯନ୍ତ୍ରର ବ୍ୟବସ୍ଥା କରିଥିଲେ ଗତ ଶୁକ୍ରବାର, ବିଡ଼ିଓ ଶ୍ରୀ ଦାସ ନିଜ ଅଫିସରେ ଭିନ୍ନକ୍ଷମ ଶ୍ରୀ ସାମଲଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ଉଭୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚଳିତ ମାସରୁ ପିଛିଲା ଭାବେ ଭତ୍ତା ଟଙ୍କା ପ୍ରଦାନ ପାଇଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ବାଲିଆପାଳ ବ୍ଲକରେ ଭିନ୍ନକ୍ଷମଙ୍କ ସମସ୍ୟା ବିଷୟରେ ଜାଣିଲେ ବିଡ଼ିଓ ଶ୍ରୀ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ ଏବଂ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ତୁରନ୍ତ ସମାଧାନ ପାଇଁ ତତ୍ପରତା ଦେଖାଉଛନ୍ତି ବୋଲି ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର କହିଛନ୍ତି।

# ଝାରସୁଗୁଡ଼ାରେ ମା'ର ଟାଙ୍ଗିଆ ଚୋଟରେ ଗଲା ପୁଅଝିଅଙ୍କ ଜୀବନ, ମା'ର ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୨/୪ (ନି.ପ୍ର): ଝାରସୁଗୁଡାରେ ଅଭାବନୀୟ ଘଟଣା । ମା'ର ଟାଙ୍ଗିଆ ଚୋଟରେ ଚାଲିଗଲା ପୁଅ ଓ ଝିଅଙ୍କ ଜୀବନ। ବିମାନବନ୍ଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗାଁରେ ରଞ୍ଜିତା ଓରାମ ନାମକ ଜଣେ ମହିଳା ତାଙ୍କ ପୁଅ ଓ ଝିଅଙ୍କୁ ହାଣି ପକାଇଛନ୍ତି। ଏଥିରେ ଉଭୟଙ୍କର ମୃତ୍ୟୁ ହୋଇଛି। ଅଭିଯୁକ୍ତ ମାଆ ମଧ ଜୀବନ ହାରିବା ପାଇଁ ଉଦ୍ୟମ କରିଛି। ଘଟଣାଟି ଶନିବାର ବିଳମ୍ବିତ ରାତିରେ ଘଟିଛି । ପରିବାରର ସମସ୍ତେ ଶୋଇଥିବା ବେଳେ ସ୍ୱାମୀ ବାହାରକୁ ଯାଇଥିଲେ। ଏହି ସମୟରେ ରଞ୍ଜିତା ନିଜ ଘରର କବାଟ ଭିତର ପଟୁ ବନ୍ଦ କରି ପିଲାଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ଏହା ପରେ ସେ ନିଜେ ଜୀବନ ହାରିବା ପାଇଁ ଉଦ୍ୟମ କରିଥିଲେ। ତାଙ୍କ ସ୍ୱାମୀ ପଡ଼ୋଶୀଙ୍କ ସହାୟତାରେ ଝରକା ଭାଙ୍ଗି ଉଦ୍ଧାର କରି ପୋଲିସର ଜିମା ଦେଇଥିଲେ। ଗୁରୁତର ଅବସ୍ଥାରେ ରଞ୍ଜିତାଙ୍କୁ ପ୍ରଥମେ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ପେଲିସ ମାମଲାର ଛାନଭିନ କରୁଛି । ହତ୍ୟାକାଣ୍ଡର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି ।

# ନୀଳଗିରି ସବଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ: ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ପରିବାର



ନୀଳଗିରି , ୧୨/୪ (ନି.ପ୍ର): ହତ୍ୟା ଅଭିଯୋଗରେ ବିଚାରାଧୀନ କଏଦୀ ଭାବରେ ନୀଳଗିରି ଜେଲରେ ଥିବା ଜୈନିକ ଯୁବକଙ୍କ ହଠାତ୍ ଆଜି ମୃତ୍ୟୁ ହୋଇଥିବାନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ପାଇକପଡା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସ୍ୱର୍ଗତ ଅନାମ ନାଏକ ଓରଫ ପେଟୁଙ୍କ ପୁଅ ଶ୍ରୀକାନ୍ତ ନାଏକ (୪୦) ଗତ ୨୦୨୧ମସିହା ଜୁନ୧୯ ତାରିଖରେ ଏକ ହତ୍ୟା ମାମଲାରେ ଗିରଫହୋଇଥିଲେ। ଏନେଇ ଔପଦା ଥାନାରେ ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚରାଧୀନ ବନ୍ଦୀ ଭାବରେ ରହିଥିଲେ। ତେବେ ଏହି ଘଟଣାରେ ଶ୍ରୀକାନ୍ତଙ୍କୁ ଭାରତୀୟ ପିଙ୍ଗଳକୋଡ଼ ୩୦୨ଦଫାରେ ବିଚାରଧୀନ କଏଦୀ ଭାବରେ ମାମଲା ଚାଲୁଥିବା ବେଳେ ଗତ ୮/୧୦/୨୫ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତେବେ ଆଜି ଅପରାହ୍ନ ପ୍ରାୟ ୨.୫୦ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କର୍ତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିବା ଜେଲର ସୁପକ କୁମାର ନାୟକ ସୂଚନା ଦେଇଛନ୍ତି। ମାତ୍ର ହସ୍ପିଟାଲ ପହଞ୍ଚିବାପୂର୍ବରୁ ମୃତ୍ୟୁ ହୋଇସାରିଥିବା ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ବିବାହିତ ଝିଅ ଅଛନ୍ତି। ମୃତକ ଶ୍ରୀକାନ୍ତଙ୍କ ପରିବାରର ମାଆ ରଙ୍ଗବତୀ, ପତ୍ନୀ ଓ ଝିଅ ଗୌରୀ ନୀଳଗିରିରେ ପହଞ୍ଚି ମୃତ୍ୟୁକୁ ସହଜରେ ଗ୍ରହଣ କରିନଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ଦାବିକରିଛନ୍ତି। ଆସନ୍ତାକାଲି ମୃତକଙ୍କ ଶବବ୍ୟବଚ୍ଛେଦ ହେବବୋଲି ପୋଲିସ ସୂଚନା ଦେଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଷ୍ଟମଟମ୍ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ମାତ୍ର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଥିବା ବେଳେ ଜେଲକର୍ତ୍ତୃପକ୍ଷ ସଠିକ ସମୟରେ କୟଦୀ ମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନା କଲେ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ଉନ୍ମୋଚନ



ବାଲେଶ୍ୱର, ୧୨/୪ (ନି.ପ୍ର): ବାଲେଶ୍ୱରର ଖରିଦଚକ ଶ୍ରୀମା ଶ୍ରୀଅରବିନ୍ଦ ସାଧନାକେନ୍ଦ୍ରର ୪୯ତମ ବାର୍ଷିକ ଉତ୍ସବରେ ଓଡ଼ିଶାର ସମ୍ଭ୍ରାନ୍ତ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ତୃତୀୟ ବର୍ଷ ତୃତୀୟ ସଂଖ୍ୟା ଉନ୍ମୋଚନ ହୋଇଥିଲା । ଶ୍ରୀମାଶ୍ରୀଅରବିନ୍ଦ ଦର୍ଶନର ବିଶିଷ୍ଟ ବକ୍ତା ଶ୍ରୀଯୁକ୍ତ ସୁବାସ ଦାସ, ଶିକ୍ଷକନେତା ଓ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନୁଗାମୀ ଶ୍ରୀଯୁକ୍ତ ଇନ୍ଦୁମାଧବ ମହାନ୍ତି, ଜଳେଶ୍ୱର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ ପ୍ରଫୁଲ୍ଲ କୁମାର ଦେ, ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରୁହାବୃତ୍ତିର ଅଧକ୍ଷ ଶ୍ରୀଯୁକ୍ତ ଶ୍ରୀକାନ୍ତ ଜେନା, ଶ୍ରୀମା ଶ୍ରୀଅରବିନ୍ଦ ସାଧନାକେନ୍ଦ୍ରର ବିଶିଷ୍ଟ ସାଧକ ଶ୍ରୀଯୁକ୍ତ ଲମ୍ବୋଦର ଦେ, ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ ରହି ସାଧନାରତ ଶ୍ରୀଯୁକ୍ତ ସର୍ବେଶ୍ୱର ପାତ୍ର, ଆଧାପିକା ସୁଷମା ପଟ୍ଟନାୟକ, ଶ୍ରୀଯୁକ୍ତ ବିକାଶ, ଶ୍ରୀଯୁକ୍ତ ଦୟାନିଧି ଆଦି ମିଳିତ ଭାବରେ ଉନ୍ମୋଚନ କରିଥିଲେ । ସ୍ୱପ୍ନଦୀପ ପତ୍ରିକାର ମୁଖ୍ୟ ସମ୍ପାଦକ ଡ଼ଃ କାଳିକିଙ୍କର ଶ୍ରୀମା ଅରବିନ୍ଦଙ୍କ ଦର୍ଶନ ଓ ସାହିତ୍ୟ ସାମ୍ପ୍ରତିକ ବିଶ୍ୱପାଇଁ ଅତ୍ୟନ୍ତ ଉପାଦେୟ ତଥା ଏହି ଦର୍ଶନ ଓ ସାହିତ୍ୟର ମୂଲ୍ୟାୟନ ଦିଗରେ ସ୍ୱପ୍ନଦୀପ ଆଜି ଓଡ଼ିଶାରେ ସଫଳ ପ୍ରୟାସ କରୁଛି ବୋଲି କହିଥିଲେ । ଏହି ସମାରୋହରେ ସ୍ୱପ୍ନଦୀପ ପତ୍ରିକାର ସମ୍ପାଦିକା ସୌଭାଗିନୀ ମିଶ୍ର ସ୍ୱପ୍ନଦୀପ କେମିତି ସବୁ ବର୍ଗର ଲେଖକ ଓ ପାଠକଙ୍କର ପ୍ରିୟ ହୋଇପାରିଛି ତା ଉପରେ ଆଲୋଚନା କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ଲେଖକ, ପାଠକ ଓ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀ ଯୋଗ ଦେଇଥିଲେ ।

# ସରସିଦା ପ୍ରିମିୟମ ଲିଗ ସିଜିନ-୫ର ଉଦ୍ଘାଟନୀ ଉତ୍ସବ




ଜଳେଶ୍ୱର, ୧୨/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଗୋପୀମୋହନପୁ ପଂଚାୟତ ସରସିଦା ଗ୍ରାମର ସରସିଦା ହାଇସ୍କୁଲ ପଡ଼ିଆ ଠାରେ ଚଣ୍ଡିମାତା କ୍ଲବ ଆନୁକୂଲ୍ୟରେ ସରସିଦା ପ୍ରିମିୟମ ଲିଗର ଚେୟାରମ୍ୟାନ ହରିଚନ୍ଦନ ଦେଙ୍କ ପରିଚାଳନାରେ ସରସିଦା ପ୍ରିମିୟମ ଲିଗ୍ ସିଜିନ-୫ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉଦ୍ଘାଟନୀ ଉତ୍ସବରେ ଶିକ୍ଷକ ମନୋରଞ୍ଜନ ଦତ୍ତ ସଭାପତିତ୍ୱ କରିଥିଲେ ।ବ୍ରାଣ୍ଡ ଆମ୍ବାସାଡର ହରିଶ୍ଚନ୍ଦ୍ର ପରିଡ଼ାଙ୍କ ମଞ୍ଚ ଆହ୍ୱାନରେ ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧକ୍ଷ,ଜଳେଶ୍ୱର ନିର୍ବାଚନୀ ମଣ୍ଡଳର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ପ୍ରଧାନ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କ୍ରିକେଟ ଖେଳ ସମାଜରେ ଯୁବଗୋଷ୍ଠୀଙ୍କ ମଧରେ ଏକତା ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ସମାଜସେବୀ ବିଜୟ କୁମାର ଜେନା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ବର୍ତ୍ତନା ପଂଚାୟତର ସମିତି ସଭ୍ୟ ତ୍ରିଲୋଚନ ଦାସ, ଯୁବନେତା କାଳୀଚରଣ ଦାସ,ତନ୍ମୟ ଚାନ୍ଦ,ସୁରେଶ ଚନ୍ଦ୍ରଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାଣ୍ଡ ଆମ୍ବାସାଡର ହରିଶ୍ଚନ୍ଦ୍ର ପରିଡ଼ା,ସୁକାନ୍ତ ପାତ୍ର ଆୟୋଜକ ହିସାବରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରିମିୟମ ଲିଗ୍ ଆଜି ଠାରୁ ୨୨ ତାରିଖ ୧୦ ଦିନ ପର୍ଯ୍ୟନ୍ତ ଚାଲୁ ରହିବ ।ଏଥିରେ ଛଅ ଜଣ ଅଂଶୀଦାର ଭାଗନେଇ ଥିଲେ। ସେମାନେ ହେଲେ ଜିତେନ୍ଦ୍ର କରଙ୍କ ରୟାଲ ୱାରୀୟସ, ସନ୍ୟାସୀ ଦତ୍ତଙ୍କ ମହାବୀର ଆର୍ମି, ବ୍ରଜ କିଶୋର ଦେଙ୍କ ଦେ ଫାଇଟର,ସୁବ୍ରତ ପରିଡ଼ାଙ୍କ ମାଆ ତାରିଣୀ,ଗଣେଷ ପଣ୍ଡାଙ୍କ ରୟାଲ ଷ୍ଟାଇକର୍ସ୍ ଓ ହରିଶ ଚନ୍ଦ୍ର ଭୂୟାଁଙ୍କ ସରସିଡା ଇଣ୍ଡିଆ। ଏହି କ୍ରିକେଟ ଖେଳକୁ ପରିଚାଳନା କରିଥିଲେ ହିମାଂଶୁ ଶେଖର ଜେନା, ଜଗନ୍ନାଥ ନନ୍ଦୀ ଓ ରାଜା ଦାସ ।ସରସିଦା ପ୍ରିମିୟମ ଲିଗ୍ ର ଚେୟାରମ୍ୟାନ ହରିଚନ୍ଦନ ଦେ, ସଦସ୍ୟ ଶାନ୍ତନୁ ଦତ୍ତ, ଅମିତ ଦତ୍ତ,ବିଶେଶ୍ୱର ଦତ୍ତ, ଅସିତ୍ ଦତ୍ତ, ହରି ଦତ୍ତ, ରାମଚନ୍ଦ୍ର ଦତ୍ତ, ସରକାର ଦତ୍ତ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷ ପାଳନରେ ଉତ୍ସବମୟ ଫକୀରମୋହନ ବିଶ୍ୱବିଦ୍ୟାଳୟ




ବାଲେଶ୍ୱର, ୧୨/୪ (ନି.ପ୍ର): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ମୂଲ୍ୟବୋଧକୁ ପ୍ରଚାର କରିବା ପାଇଁ ଓଡ଼ିଶା ସରକାରଙ୍କ 'ଓଡ଼ିଆ ପକ୍ଷ-୨୦୨୬' ଏକ ଉଲ୍ଲେଖନୀୟ ପଦକ୍ଷେପ। ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବା ଏହି ପକ୍ଷ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସାହଭରା ପରିବେଶରେ ଆୟୋଜିତ ହେଉଛି। ଗତ ୧୦ ତାରିଖରେ 'ଲୋକକଳା ପ୍ରଦର୍ଶନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଓଡ଼ିଶୀ, ସାନ୍ତାଳୀ ଓ ସମ୍ବଲପୁରୀ ନୃତ୍ୟ ସହ ଜଗନ୍ନାଥ ଭଜନକୀର୍ତ୍ତନ ତଥା ଲୋକସଙ୍ଗୀତ ଓ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଆକର୍ଷଣୀୟ ଶୋଭାଯାତ୍ରା ମଧ ଆୟୋଜିତ ହୋଇଥିଲା। ପ୍ରାୟ ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପରବର୍ତ୍ତୀ ଦିନ ୧୧ ତାରିଖରେ 'ଯୁବ ଲେଖକ ସମ୍ମିଳନୀ' ଆୟୋଜିତ ହୋଇଥିଲା। ଏଥିରେ ବାଲେଶ୍ୱରର ସୁପରିଚିତ କବି ଶ୍ରୀଦେବ ଓ ଗାଳ୍ପିକ ସଞ୍ଜୟ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ୩୫ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସ୍ୱରଚିତ କବିତା ଓ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ଆଜି (୧୨/୦୪/୨୦୨୬) 'ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ୩୦ଜଣ ପ୍ରସିଦ୍ଧ ବରପୁତ୍ରଙ୍କ ଫଟୋ ପ୍ରଦର୍ଶନ ସହିତ ତାଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀମାନେ ଉପସ୍ଥାପନା କରିଥିଲେ। ଫକୀରମୋହନ ସେନାପତି, ବୀଣାପାଣି ମହାନ୍ତି, ଜଷ୍ଟିସ ରଙ୍ଗନାଥ ମିଶ୍ର, ନନ୍ଦିତା ଦାସ, ପ୍ରାଣକୃଷ୍ଣ ପରିଜା, ପଦ୍ମିନୀ ରାଉତ, ତୁଳସୀ ମୁଣ୍ଡା ଓ ଡ଼ଃ ମୃତ୍ୟୁଞ୍ଜୟ ମହାପାତ୍ର ଆଦି ଅନେକ ମହାନ ବ୍ୟକ୍ତିଙ୍କ ଜୀବନ, ସାହିତ୍ୟ ଓ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏଥିସହ 'ମହିଳା ସଂରକ୍ଷଣ' ବିଷୟକ ଏକ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସୁଚାରୁ ଭାବେ ସଂଯୋଜିତ ହୋଇଥିଲା। ଏହି ପକ୍ଷ ପାଳନରେ ଛାତ୍ରଛାତ୍ରୀଙ୍କ ସହ ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ଉତ୍ସାହ ଓ ଉଦ୍ଦୀପନାର ସହିତ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି।

# ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ



ବାସୁଦେବପୁର, ୧୨/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ୧୯୯୪ ମସିହା ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ଗୟାଧର ମହାପାତ୍ର, ଦିବାକର ନାୟକ,ହରେକୃଷ୍ଣ ମହାରଣା, ସଦାନନ୍ଦ ପାଣିଗ୍ରାହୀ, ସଦାନନ୍ଦ ଦାଶ, ରମାକାନ୍ତ ଷଣ୍ଢ, କମଳାକାନ୍ତ ନାୟକ, ଗଣେଶ ଦାସ, କମଳାକାନ୍ତ ମଲ୍ଲିକ, ରବୀନ୍ଦ୍ର ନାଥ ସେନାପତି, ଜଗବନ୍ଧୁ ସାହୁ, ଦୈତାରୀ ମହାରଣା, ଗୋପାଳ ଚରଣ ବେହେରା ପ୍ରମୁଖଙ୍କୁ ମାନପତ୍ର ଓ ଉପଢ୍ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କବି ଶାନ୍ତିଲତା ପଣ୍ଡା ଏକ ସୁନ୍ଦର କବିତା ଆବୃତ୍ତି କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରୀ ପ୍ରୀତି ସଂଯୁକ୍ତା ସାହୁ,ହେମନ୍ତ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ। ସମସ୍ତ ଅବସର ପ୍ରାପ୍ତ ଶିକ୍ଷକ ବନ୍ଧୁ ପୁରାତନ ସ୍ମୃତିକୁ ବର୍ଣ୍ଣନା କରିଥିଲେ ଏବଂ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିଦ୍ୟାଳୟର ପ୍ରତିଷ୍ଠାତା ବିଶିଷ୍ଟ କୃଷି ବୈଜ୍ଞାନିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟାନ୍ୟ ସହଯୋଗ ଓ ଜମି ଦାନ କରିଥିବା ବ୍ୟକ୍ତି ମାନଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ଗୟାଧର ମହାପାତ୍ର ସ୍ମରଣ କରିଥିଲେ। ପୁରାତନ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଉପଢ୍ୌକନ ଓ ଫୁଲ ତୋଡା ଦେଇ ପୁରାତନ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ଛାତ୍ରୀ ଜୟରାମ ବେହେରା,ପ୍ରଶାନ୍ତ ଧର, ସଞ୍ଜୀବ ଧର, ଶରତ ବାରିକ୍, ଦାମୋଦର ସାହୁ, ରତିକାନ୍ତ ସାହୁ, ମିନତୀ ପଣ୍ଡା, କଳ୍ପନା ପଣ୍ଡା, ଗଗନ ବିହାରୀ ବାରିକ୍, ନରେନ୍ଦ୍ର ସାହୁ, ଜଗବନ୍ଧୁ ସାହୁ, ବଂଶୀଧର ମହାପାତ୍ର, କମଳାକାନ୍ତ ପାତ୍ର, ଗୌରାଙ୍ଗ ଭୋଇ, ଶୈଳବାଳା ନାୟକ, ସୁବାସିନି ସାହୁ,ମଧୁସୂଦନ ଜେନା ,ଅନନ୍ତ ନାରାୟଣ ତ୍ରିପାଠୀ, ନରେନ୍ଦ୍ର ସାମଲ, ଜଗବନ୍ଧୁ ବାରିକ୍, ଶରତ ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# "ଓଡିଆ ପକ୍ଷ"ର ଦ୍ୱାଦଶ ଦିନରେ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୧୨/୪ (ନି.ପ୍ର): ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଅନୁକୂଳରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା "ଓଡିଆ ପକ୍ଷ" ଅବସରରେ ଦ୍ୱାଦଶ ଦିନରେ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୭.୩୦ ସମୟରୁ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏଙ୍କ ଦ୍ୱାରା ବନ୍ଦନୀୟ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିବା ସହିତ ତାଙ୍କ ସ୍ତୁତିଚରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ସଂସ୍କୃତି ଭବନ ଠାରେ ବରପୁତ୍ରମାନଙ୍କ ଉପରେ ଏକ ସାଧାରଣ ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, , ଶ୍ରୀ ନରୋତ୍ତମ ମିଶ୍ର (ଅବକାରୀ ଅଧିକ୍ଷକ), ଶ୍ରୀମତୀ ପ୍ରେମମଞ୍ଜରୀ ନାୟକ (ଜିଲ୍ଲା ଶ୍ରମ ଅଧିକାରୀ), ଶ୍ରୀ ପବିତ୍ର ପାଣିଗ୍ରାହୀ (ଗାଳ୍ପିକ/ପ୍ରାବନ୍ଧିକ), ଡ଼. ପ୍ରମୋଦ ନାୟକ (ଅବସରପ୍ରାପ୍ତ ଅଧକ୍ଷ, ସଂସ୍କୃତ ମହାବିଦ୍ୟାଳୟ) ଓ ଶ୍ରୀ ବିଶ୍ୱରଞ୍ଜନ ଦାସ (ବିଭାଗୀୟ ମୁଖ୍ୟ, ଓଡିଆ ବିଭାଗ, ବିରଞ୍ଚି ନାରାୟଣ ମହାବିଦ୍ୟାଳୟ) ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କ ସ୍ତୁତିଚରଣ କରିଥିଲେ। ଏହାସହ ବନ୍ଦନୀୟ ବରପୁତ୍ରମାନଙ୍କୁ ନେଇ ଯୁବ ବର୍ଗ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତନୁ କୁମାର ଦାସ (ବାବାମଣି ଡିଗ୍ରୀ କଲେଜ, ପାଳସାହି) ପ୍ରଥମ, ଭାଗ୍ୟଶ୍ରୀ ପଣ୍ଡା (ବାବାମଣି ଡିଗ୍ରୀ କଲେଜ, ପାଳସାହି) ଦ୍ୱିତୀୟ ଓ ଇତିଶ୍ରୀ କର ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏକ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ୫୦ରୁ ଅଧିକ କବି ଓ କବୟତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀମତୀ ତନୁଜା ସିର୍କା, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଚାରୁ ଭାବେ ପରିଚାଳନା କରିଥିଲେ।

# କବି ସମ୍ରାଟ ଉପେନ୍ଦ୍ରଭଂଜଙ୍କ ସାହିତ୍ୟରେ ଉପମା ଅଳଙ୍କାର ଆଲୋଚନା ଚକ୍ର



ଉଦଳା, ୧୨/୪ (ନି.ପ୍ର): ସ୍ଥାନିୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ କବି ସମ୍ରାଟ ଉପେନ୍ଦ୍ରଭଂଜଙ୍କ ସାହିତ୍ୟରେ ଉପମା ଅଳଙ୍କାର ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମଂଜୁଳା କଲିଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ମଂଜୁଲତା ନାୟକ ମଂଚପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ କପ୍ତିପଦା ମହାବିଦ୍ୟାଳୟ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ଅତିଥି ଭାବରେ ଯୋଗ ଦେଇ ଉପେନ୍ଦ୍ରଭଂଜଙ୍କ ସାହିତ୍ୟରେ ଥିବା ଉପମା ଅଳଙ୍କାର ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର +୩ ଶେଷ ବର୍ଷ ଛାତ୍ରୀ ମାନଙ୍କର ବିଦାୟକାଳୀନ ସଭା ଏହି ମଂଚରେ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ଡ଼କ୍ଟର ସୁଷମା ସାହୁ ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସିଂ ବିଦାୟ ନେଉଥିବା ଶେଷବର୍ଷ ଛାତ୍ରୀ ମାନଙ୍କର ମାହୋଲ ମହାବିଦ୍ୟାଳୟରେ କିପରି ବାତାବରଣ ସୃଷ୍ଟି କରିଥିଲା ବ୍ୟକ୍ତ କରିଥିଲେ । ଏହାପରେ ବିଦାୟି ଛାତ୍ରୀ ମାନେ ଜଣ ଜଣ କରି ସମସ୍ତେ ନିଜ ନିଜର ଅନୁଭବ ଶୁଣାଇଥିଲେ । ଶୈକ୍ଷିକ ବାତାବରଣ, ଅଧ୍ୟାପକ/ ଅଧ୍ୟାପିକା ମାନଙ୍କର ଶିକ୍ଷାଦାନ ଓ ସହପାଠୀଙ୍କ ମେଳର ମାହୋଲ ଆମକୁ ଯେଉଁ ଆନନ୍ଦ ଦେଇଛି ଏହା ଆମେ ସାରା ଜୀବନ ଭୁଲିପାରିବୁ ନାହିଁ ବୋଲି ଛାତ୍ରୀ ମାନେ କହିଥିଲେ । ଶେଷରେ ପ୍ରଥମ ବର୍ଷ ଓ ଦ୍ୱିତୀୟବର୍ଷ ଛାତ୍ରୀ ବିଦାୟ ନେଉଥିବା ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ବିଦାୟ ଜଣାଇଥିଲେ । ଅଧ୍ୟାପିକା ଶାନ୍ତିଲତା ହାଁସଦା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦର୍ଶନ ସାଂସ୍କୃତିକ ଏକାଡେମୀର ଦଶମ ବାର୍ଷିକ ଉତ୍ସବ

ଭଦ୍ରକ , ୧୨/୪ (ନି.ପ୍ର):ଭଦ୍ରକ ହେଉଛି ଓଡ଼ିଆ ସଂସ୍କୃତିର ଅନ୍ତୁଡ଼ିଶାଳ'। ଓଡ଼ିଶାର ଜୀବନ ଓ ସମାଜକୁ ସମୃଦ୍ଧ କରୁଥିବା ପ୍ରତିଟି କ୍ଷେତ୍ର ଯଥା: କଳା, ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି ଆଦି ପ୍ରତି ବିଭବକୁ ଭଦ୍ରକର ଭୂୟସୀ ଅବଦାନ ରହିଛି । ଭଦ୍ରକ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଜ୍ଜ୍ୱଳିତ କ୍ଷେତ୍ର । ବାସୁଦେବପୁରସ୍ଥ ରକ୍ତତୀର୍ଥ ଇରମ ଦେଶର ଦ୍ୱିତୀୟ ଜାଲିୱାନାୱାଲାବାଗ୍ ନାମରେ ଅଭିହିତ ବୋଲି ଦର୍ଶନ ସାଂସ୍କୃତିକ ଏକାଡେମୀ ପକ୍ଷରୁ ଗତକାଲି ଶନିବାର ସନ୍ଧ୍ୟା ରେ ଟାଉନ ହଲ ଠାରେ ଦଶମ ବାର୍ଷିକ ଉତ୍ସବ ରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉତ୍ସବଟିକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଇଂ ଅଭୟ ସୁତାର, ସମ୍ମାନୀତ ଅତିଥି ଭାବେ ଏନ ସି ସି କମାଣ୍ଡର ଡ଼. ସୁଦିପ ସାହୁ, ଆଇନଜୀବୀ ଗଦାଧର ବଳ, ସାହିତ୍ୟିକ ଚିତ୍ତରଞ୍ଜନ ମହାପାତ୍ର, ଚାରୁ ଓ କାରୁକଳା କଲେଜର ଅଧକ୍ଷ ମନୋଜ କୁମାର ଭଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଥିଲେ । କବୟତ୍ରୀ ସଂଯୁକ୍ତା ବଳ ମଞ୍ଚ ଆମନ୍ତ୍ରଣ, ଦର୍ଶନ ଏକାଡେମୀ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ସ୍ୱାଗତଭାଷଣ ଓ ନିର୍ଦ୍ଦେଶକ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ବାଲିଆପାଳ ବିଭିନ୍ନ ଶୈବପୀଠରେ ନୀଳପର୍ବ ସମ୍ପନ୍ନ

## ଖଗଡେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଉଠିଲା ଥମ୍ଭିକାଠ



ବାଲିଆପାଳ, ୧୨/୪ (ନି.ପ୍ର): ଚନ୍ଦନେଶ୍ୱର ମହାଦେବଙ୍କ ରିତିନିତି ଅନୁଯାଇ ବାଲିଆପାଳ ବ୍ଲକର ବିଭିନ୍ନ ଶୈବ ପୀଠରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଆଜି ନୀଳ ପର୍ବ ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁଯାଇ ମହାଆଡମ୍ବର ସହକାରେ ଥମ୍ଭିକାଠ ଉଠାଯାଇଛି । ବାଲିଆପାଳ ବ୍ଲକର ଖଗଡେଶ୍ୱର, ଜଗାଇ ସ୍ଥିତ ନାଭଡେଶ୍ୱର, ନିଖିରେଶ୍ୱର, ଚାନ୍ଦମଣି ସ୍ଥିତ କାମେଶ୍ୱର, ଜାଠିଆ ଶୈବ ପୀଠ, କୁଶୁଡିହା ପ୍ରଭୃତି ଶୈବ ପୀଠ ରେ ଗତ ୧ ତାରିଖ ଠାରୁ ତେର ଅର୍ଘ୍ୟ, ପା ଅର୍ଘ୍ୟ, ଏବଂ ତିନି ଅର୍ଘ୍ୟରେ ଶତାଧିକ ଭକ୍ତ ବ୍ରତ ଧାରଣ କରିଆସୁଛନ୍ତି । ଶନିବାର ମହାଦେବଙ୍କ କାମିନା ବିବାହ ଯାକଜକମରେ ପାଳିତ ହୋଇଥିଲା ବେଳେଆଜି ନିଳଉତ୍ସବରେ ଏହି ମନ୍ଦିର ଗୁଡିକ ସକାଳୁଠାରୁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା । ବହୁ ଶ୍ରଦ୍ଧାଳୁ ବ୍ରତ ଧାରଣ କରିବା ସହିତ ମହାଦେବଙ୍କ ଉପରେ ପଇଡ, କ୍ଷୀରଭିଷେକ ସାଙ୍ଗକୁ ପୂଜାର୍ଚ୍ଚନା କରି କରି ନିଜମନସ୍କାମନା କରଥିଲେ । ସେହିପରି ବହୁ ମାନସିଧାରୀ ଭକ୍ତ ମାନସିକ ଅନୁଯାଇ ହାକାଣ୍ଡପୋଖରୀ ଠାରୁ ମନ୍ଦିର ବେଢା ପର୍ଯ୍ୟନ୍ତ ଟାଣ ଖରାରରେ ଦଣ୍ଡମାରୁଥିବା ଦେଖିବାକୁ ମିଳିଥିଲା । ଅପରାହ୍ନରେ ବ୍ରତଧାରଣ କରିଥିବା ଭକ୍ତମାନେ ସଭାଜଣାଣରେ ସାମିଲ ହୋଇଥିଲେ । ଖଗଡେଶ୍ୱର ପୀଠରେ ଶ୍ରୀବେକିଡି ଭକ୍ତ ପ୍ରଭାସ ସାହୁ ଦାସୀ ପଡିବା ପରେ ନୀଳ ପୋଖରୀରୁ ଭକ୍ତମାନେ ଥମ୍ଭିକାଠ କୁ ଖୋଜିଥିଲେ । ପରେ ଏହି ଥମ୍ଭିକାଠକୁ ଭକ୍ତ ମାନେ ବାଦ୍ୟର ତାଳେ ତାଳେ କାନ୍ଧରେ ରଖି ନାଚିନାଚି ମନ୍ଦିର ବେଢା ପରିକ୍ରମା କରିଥିଲେ । ଖଗଡେଶ୍ୱର ପୀଠରେ ପାଟଭକ୍ତା ଭାବେ ପଦ୍ମୋଲୋଚନ ସାହୁ, ପୂଜକ ଜିତେନ୍ଦ୍ର ନାଥ ପାଠୀ ରହିଥିବା ବେଳେ ଗ୍ରାମମୁଖ୍ୟ ମଧୁସୂଦନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପୂର୍ବତନ ସରପ ମୁରଲୀ ମୋହନ ସାହୁ, ରାମଚନ୍ଦ୍ର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ସାହୁ, ସମେତ ସମସ୍ତ ଗ୍ରାମ୍ୟକମିଟି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ସେହିପରି ନିଖିରେଶ୍ୱର ପୀଠରେ ପାଟଭକ୍ତା ଭାବେ ପଙ୍କଜ କୁମାର ଭୂୟାଁ, ଶ୍ରୀ ବେକିଡି ଅକ୍ଷୟ କୁମାର ବେହେରା, ଘଟୁଆଳ ଜୟକୃଷ୍ଣ ଦେ, ଗୋପନାରାୟଣ ଜେନା, ପ୍ରମୁଖ ରହିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଏହିସବୁ ପୀଠରେ ଏହି ନୀଳ ପର୍ବ ଦେଖିବା ପାଇଁ ସ୍ଥାନୀୟ ଅ ଳର ହଜାର ହଜାର ଜନ ସମାଗମ ହୋଇଥିଲା । ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଆସନ୍ତାକାଲି ଏହି ସବୁ ମଣ୍ଡପରେ ପାଟ ପର୍ବ ଓ ମାଳାଚନ୍ଦିନୀ ଅନୁଷ୍ଠିତ ହେବ ।

# ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଆଜି

ଭୁବନେଶ୍ୱର, ୧୨/୪ (ନି.ପ୍ର): ଆସନ୍ତାକାଲି (ସୋମବାର) ଠାରୁ ୨ ଦିନିଆ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ପାଳନ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ସୋମବାର ସକାଳ ସାଢେ ୬ ଘଟିକା ସମୟରେ ଓଡିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏତଦବ୍ୟତୀତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ସକାଳ ୮ ଘଟିକା ସମୟରେ ଉଦଘାଟିତ ହେବ । ଏହି କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସଂଧ୍ୟା ସମୟରେ ଉକ୍ଳଳ ମଣ୍ଡପ ଠାରେ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ।

10001/39/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR:10001/10003/2/26-27/0003

# ମା' ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ପୂଜା ଅବସରରେ କଳସ ଯାତ୍ରା ଆରମ୍ଭ



ବାରିପଦା , ୧୨/୪ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ମା' ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ବାର୍ଷିକ ପୂଜା ଅବସରରେ ଆଜି କଳସ ଶୋଭାଯାତ୍ରା ଆରମ୍ଭ ହୋଇଯାଇଛି ଓ ମା' ଅମ୍ବିକାଙ୍କ ମନ୍ଦିର ନିକଟସ୍ଥ ଚିପଟ, ବୁଢାବଲଙ୍ଗ ଓ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥାନରେ ରୀତିନୀତି ଅନୁସାରେ ପୂଜାବିଧି ସମ୍ପନ୍ନ ହୋଇଥିଲା ଓ ଉକ୍ତ ସ୍ଥାନରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅମ୍ବିକା ମନ୍ଦିରରୁ ସହର ପରିକ୍ରମା କରି ୨ ଶହରୁ ଉର୍ଦ୍ଧ ମହିଳା ଘଟ ଶୋଭାଯାତ୍ରାରେ ଗ୍ରାମଦେବୀ ମନ୍ଦିର ନିକଟରେ ପହଂଚିଥିଲେ ଓ ତିନିଦିନ ଧରି ମନ୍ଦିରରେ ମା' ଙ୍କ ପୂଜାବିଧି ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପ୍ରକାଶ କରିଛନ୍ତି ଓ ଶେଷଦିନ ସର୍ବସାଧାରଣଙ୍କ ନିମନ୍ତେ ପ୍ରସାଦ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କମିଟି ଜଣାଇଛନ୍ତି ଓ ଏ ବର୍ଷ ମନ୍ଦିର ପରିସରରେ ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ଓ ବହୁ ସଂଖ୍ୟାରେ ସପରିବାରେ ଉପସ୍ଥିତ ରହି ମା' ଆଶୀର୍ବାଦ ଲାଭ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି ।

# ଗୋଟିଏ ଗୋଟିଏ ଗାଁର ଐତିହ୍ୟ ଦେଶକୁ ଉଜ୍ଜ୍ୱଳ କରିଥାଏ

## ୨ୟ ବୈଶାଖୀ ସନ୍ଧ୍ୟାରେ ଈଶାଣୀ ମୁଖରିତ



ବାଲେଶ୍ୱର, ୧୨/୪ (ନି.ପ୍ର): ଈଶାଣୀ ବୈଶାଖୀ ମହୋତ୍ସବ ୨ୟ ସନ୍ଧ୍ୟାରେ ଅନୁଷ୍ଠାନର ଦିବଂଗତ ଉପଦେଷ୍ଟା କର୍ମୀ ସ୍ୱର୍ଗୀୟ ଗୌରୀ କୁମାର ରାଉତ ଏବଂ ସ୍ୱର୍ଗୀୟ ସତ୍ୟନାଥ ମାଝୀଙ୍କୁ ଉତ୍ସର୍ଗୀକୃତ କରାଯାଇଥିବା ମଞ୍ଚରେ ବାଲେଶ୍ୱର ଜିଲ୍ଲାର ଉପଜିଲ୍ଲାପାଳ ଶିବ ମାଲବ୍ୟ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ଉଦ୍‌ଘାଟିତ କରିଥିଲେ। ଭାରତର ପ୍ରତି ପୁରପଲ୍ଲୀ ଗାଁମାନଙ୍କର ଇତିହାସକୁ ସୁରକ୍ଷିତ କରି ଏହି ଐତିହ୍ୟମୟ ଦେଶକୁ ଅଧିକରୁ ଅଧିକ ଉଜ୍ଜ୍ୱଳ କରାଇବା ପାଇଁ ପ୍ରତିଟି ଜନଗଣଙ୍କୁ ସେ ଆହ୍ୱାନ କରିଥିଲେ। ଆଜିର ଛୋଟଛୋଟ ପିଲା କାଲିର ଭବିଷ୍ୟତ। ପିଲାମାନଙ୍କ ଯତ୍ନ ନେବା ସଙ୍ଗେସଙ୍ଗେ ତାଙ୍କର ବାପା ମା'ମାନଙ୍କର ପ୍ରମୁଖ କର୍ତ୍ତବ୍ୟକୁ ଚେତାଇଦେବାବେଳେ ଅତିଥି-ବକ୍ତା ଭାବେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଏବଂ ପ୍ରମୁଖ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ ଈଶାଣୀ ବୈଶାଖୀ ମହୋତ୍ସବର ସ୍ତୁତି ଗାନ କରିବା ସାଙ୍ଗକୁ ସମସ୍ତେ ଏକ ହୋଇ ଅଞ୍ଚଳର ପ୍ରଗତି ଦିଗରେ ଲକ୍ଷ୍ୟ ରଖିବାପାଇଁ ଉତ୍ସାହିତ କରିଥିଲେ। ଏହି ସନ୍ଧ୍ୟାରେ ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଦସ୍ୟ ଶ୍ରୀଯୁକ୍ତ ରମେଶ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବା ସଂଗେସଂଗେ କମିଟିର ଉପସଭାପତି ସୁରେଶ ମାଝୀଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିଲା। ଛୋଟଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଂଗୀତ ଓ ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠାନର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି, ସାଧାରଣ ସଂପାଦକ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି ଶ୍ରୀଦେବ, ଉପସଭାପତି ନରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସନ୍ଧ୍ୟା ପରିବେଶଟିକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ। ଏହାପରେ ସମଗ୍ର ବୈଶାଖୀ ମିନି ଷ୍ଟେଡିୟମ୍ ଭିତରର ସନ୍ଧ୍ୟା କୁନିକୁନି ପିଲାମାନଙ୍କର ନୃତ୍ୟ ପରିବେଷଣ ସାଂଗକୁ ଅର୍କେଷ୍ଟ୍ରା ସଂଗୀତରେ ହଜାର ହଜାର ଲୋକଙ୍କୁ ଆକୃଷ୍ଟ କରିଥିଲା।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida